୬ ଗର୍ଜିଲା ଗିଲ୍-ରୋହିତଙ୍କ ବ୍ୟାଟ୍ : ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତର ବିଶାଳ ବିଜୟ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୪୨ ● ୧ ଅକ୍ଟୋବର ୨୦୨୬ ଗୁରୁବାର ● ଭୁବନେଶ୍ୱର ● Vol -33 ● Issue-242 ● 1st October 2026, Thursday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27


## କେନ୍ଦ୍ର କ୍ୟାବିନେଟ୍ ବୈଠକ

# ଗହମ ସମେତ ରବି ଫସଲର ଏମ୍ଏସ୍‌ପି ବୃଦ୍ଧି

**ନୂଆଦିଲ୍ଲୀ,୩୦।୯**

୨୦୨୭-୨୮ ବର୍ଷ ପାଇଁ ଗହମର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) କ୍ୱିଣ୍ଟାଲ ପିଛା ୨୫ ଟଙ୍କା ବୃଦ୍ଧି ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି। ଏହି ବୃଦ୍ଧି ପରେ ଗହମର ଏମ୍ଏସ୍‌ପି କ୍ୱିଣ୍ଟାଲ ପିଛା ୨,୬୧୦ ଟଙ୍କା ହୋଇଛି। ବିପଣନ ବର୍ଷ ୨୦୨୬-୨୭ରେ ଗହମର ଏମ୍ଏସ୍‌ପି କ୍ୱିଣ୍ଟାଲ ପିଛା ୨,୫୮୫ ଟଙ୍କା ଥିଲା।

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବୁଧବାର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅର୍ଥନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି (ସିସିଇଏ) ବିପଣନ ବର୍ଷ ୨୦୨୭-୨୮ ପାଇଁ ସମସ୍ତ ବାଧ୍ୟତାମୂଳକ ରବି ଫସଲର ଏମ୍ଏସ୍‌ପି ବୃଦ୍ଧିକୁ ଅନୁମୋଦନ କରିଛନ୍ତି।



ସେ କହିଛନ୍ତି ଯେ, କୃଷକମାନଙ୍କୁ ସେମାନଙ୍କ ଉତ୍ପାଦର ଉତ୍ତମ ମୂଲ୍ୟ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସରକାର ରବି ଫସଲଗୁଡ଼ିକର ଏମ୍ଏସ୍‌ପି ବୃଦ୍ଧି କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ଅନୁଯାୟୀ ଗହମ ବ୍ୟତୀତ ଅନ୍ୟ ପ୍ରମୁଖ ରବି ଫସଲର ସହାୟକ ମୂଲ୍ୟରେ ମଧ୍ୟ ବୃଦ୍ଧି କରାଯାଇଛି।

ବୈଷ୍ଣବଙ୍କ ଅନୁଯାୟୀ, କୁସୁମର ଏମ୍ଏସ୍‌ପିରେ ସର୍ବାଧିକ କ୍ୱିଣ୍ଟାଲ ପିଛା ୬୭୫ ଟଙ୍କା ବୃଦ୍ଧି କରାଯାଇଛି। ଏହା ପରେ ରେପସିଡ୍ ଓ ସୋରିଷର ଏମ୍ଏସ୍‌ପିରେ କ୍ୱିଣ୍ଟାଲ ପିଛା ୪୧୩ ଟଙ୍କା ବୃଦ୍ଧି ହୋଇଛି।

ମସୁରର ଏମ୍ଏସ୍‌ପିରେ କ୍ୱିଣ୍ଟାଲ ପିଛା ୩୯୦ ଟଙ୍କା, ଯଅରେ ୧୩୬ ଟଙ୍କା ଏବଂ ଚଣାରେ ୮୩ ଟଙ୍କା ବୃଦ୍ଧି କରାଯାଇଛି।

ସେହିପରି ଗ୍ରୀନ୍ ଏନର୍ଜି କରିଡର (ଜିଇସି)ର ତୃତୀୟ ପର୍ଯ୍ୟାୟ ଯୋଜନାକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଏହି ଯୋଜନା ଅଧୀନରେ ବ୍ୟାଟେରୀ ଏନର୍ଜି ଷ୍ଟୋରେଜ୍ ସିଷ୍ଟମ ସହିତ ରାଜ୍ୟଗୁଡ଼ିକ ମଧ୍ୟରେ *(ପୃଷ୍ଠା ୭ରେ)*

# ପ୍ରତିରକ୍ଷା, ଶକ୍ତି, ପ୍ରଯୁକ୍ତି ଦ୍ୱିପାକ୍ଷିକ ପ୍ରସଙ୍ଗରେ ମୋଦୀ-ଟ୍ରମ୍ପ ଆଲୋଚନା

**ନୂଆଦିଲ୍ଲୀ,୩୦।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଫୋନ୍‌ରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଦୁଇ ନେତା ବାଣିଜ୍ୟ, ପ୍ରତିରକ୍ଷା, ଶକ୍ତି, ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତି ଓ ଅନ୍ୟାନ୍ୟ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା କରିଥିବା ପ୍ରଧାନମନ୍ତ୍ରୀ ମୋଦୀ ଏକ୍ସରେ ସୂଚନା ଦେଇଛନ୍ତି।

ମୋଦୀ ଏକ୍ସରେ ପୋଷ୍ଟ କରି କହିଛନ୍ତି ଯେ, ଟ୍ରମ୍ପଙ୍କ ସହ ତାଙ୍କର ସଫଳ ଆଲୋଚନା ହୋଇଛି। ଏହି ସମୟରେ ଭାରତ-ଆମେରିକା ବ୍ୟାପକ ବିଶ୍ୱ ରଣନୀତିକ ସହଭାଗିତାର ବିଭିନ୍ନ ଦିଗର ସମୀକ୍ଷା କରାଯାଇଛି। ଉଭୟ ନେତା ନିକଟ ସମ୍ପର୍କ ବଜାୟ ରଖି ସହଯୋଗକୁ ଆଗକୁ ବଢ଼ାଇବା ଉପରେ ସହମତ ହୋଇଛନ୍ତି। ଆଲୋଚନାରେ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ପ୍ରସଙ୍ଗ ସହ ବିଶ୍ୱ



ଶାନ୍ତି ଓ ସୁରକ୍ଷା ପାଇଁ ଚାଲିଥିବା ପ୍ରୟାସ ନେଇ ମଧ୍ୟ ମତ ବିନିମୟ ହୋଇଛି।

ଗ୍ଲୋବାଲ୍ ସପ୍ଲାଇ ଚେନ୍, ପ୍ରତିରକ୍ଷା ପ୍ରଯୁକ୍ତି, ଇଓ, ସ୍ୱଚ୍ଛ ଶକ୍ତି ଓ ପାରମ୍ପରିକ ଶକ୍ତି ବାଣିଜ୍ୟରେ ଦୁଇ ଦେଶର ସହଯୋଗ ବଢୁଥିବା ବେଳେ ଏହି ଆଲୋଚନାକୁ ଆଗାମୀ ଦ୍ୱିପାକ୍ଷିକ ଓ ବାଣିଜ୍ୟିକ ଆଲୋଚନା ପାଇଁ ଗୁରୁତ୍ୱପୂର୍ଣ୍ଣ ଭାବେ ଦେଖାଯାଉଛି। ଆଲୋଚନାରେ କ୍ରିଟିକାଲ୍ ଟେକ୍ନୋଲୋଜି, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଓ ଉଚ୍ଚ ପ୍ରଯୁକ୍ତି ସମ୍ପର୍କିତ ସହଯୋଗ ମଧ୍ୟ ଗୁରୁତ୍ୱ ପାଇଛି। ବିଶ୍ୱ ଅର୍ଥନୀତିରେ ଏଆଇ, ସେମିକଣ୍ଡକ୍ଟର, ଡିଜିଟାଲ୍ ଟେକ୍ନୋଲୋଜି ଓ ଉନ୍ନତ ଉତ୍ପାଦନ ପ୍ରଯୁକ୍ତିର ଗୁରୁତ୍ୱ ବଢୁଥିବା ବେଳେ ଭାରତ ଓ ଆମେରିକା ଏହି କ୍ଷେତ୍ରରେ ଭାଗିଦାରୀ ବଢ଼ାଇବା ଉପରେ ଗୁରୁତ୍ୱ ଦେଉଛନ୍ତି।

# ଆରବ ସାଗରରୁ ୩୦୦୦ କୋଟି ଟଙ୍କାର ଡ୍ରଗ୍ସ ଜବତ, ୫ ପାକିସ୍ତାନୀ ଗିରଫ

**ନୂଆଦିଲ୍ଲୀ,୩୦।୯**

ଆରବ ସାଗରରେ ଲାକ୍ଷାଦ୍ୱୀପ ନିକଟରେ ଭାରତୀୟ ତଟରକ୍ଷୀ ବାହିନୀ ଏବଂ ଗୁଜରାଟ ଏଟିଏସ୍‌ର ମିଳିତ ଚଢ଼ଉ ବେଳେ ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ କରାଯାଇଛି। ଏହି ଚଢ଼ଉ ସମୟରେ ସନ୍ଦିଗ୍ଧ ଇରାନୀୟ ଜାହାଜରୁ ପ୍ରାୟ ୫୨୬ କିଲୋଗ୍ରାମ ହେରୋଇନ୍ ଏବଂ ମେଥାମ୍ଫେଟାମାଇନ୍ ଜବତ କରାଯାଇଥିଲା। ଜବତ ହୋଇଥିବା ନିଶାଦ୍ରବ୍ୟର ଆନୁମାନିକ ବଜାର ମୂଲ୍ୟ ୩,୦୦୦ କୋଟି ଟଙ୍କାରୁ ଅଧିକ ବୋଲି କୁହାଯାଉଛି। ଜାହାଜରେ ଥିବା ପାଞ୍ଚ ଜଣ ପାକିସ୍ତାନୀ ନାଗରିକଙ୍କୁ ମଧ୍ୟ ଗିରଫ କରାଯାଇଛି।

ଭାରତୀୟ ତଟରକ୍ଷୀ ବାହିନୀର ସୂଚନା ଅନୁଯାୟୀ, ଗୁଜରାଟ ଏଟିଏସ୍ ଏବଂ ସେଣ୍ଟ୍ରାଲ୍ ଇଣ୍ଟେଲିଜେନ୍ସ ଏଜେନ୍ସି ସହିତ ମିଳିତ ଗୁଇନ୍ଦା ଭିତ୍ତିକ ଚଢ଼ଉ ବେଳେ ଭାରତୀୟ ତଟରକ୍ଷୀ ବାହିନୀ ଲାକ୍ଷାଦ୍ୱୀପର ପଶ୍ଚିମରେ ଆରବ ସାଗରରେ ଏକ ସନ୍ଦିଗ୍ଧ *(ପୃଷ୍ଠା ୭ରେ)*

# ଇସି ଓ ଏସ୍ଆଇଆର ବିରୋଧରେ ଇଣ୍ଡି ମେଣ୍ଟର ଦେଶବ୍ୟାପୀ ଆନ୍ଦୋଳନ ନିଷ୍ପତ୍ତି

**ନୂଆଦିଲ୍ଲୀ,୩୦।୯**

ଭୋଟର ତାଲିକା ସଂଶୋଧନ ପାଇଁ ନିର୍ବାଚନ କମିଶନ କରୁଥିବା ଏସ୍ଆଇଆରକୁ ନେଇ ବିବାଦ ଭିତରେ ଏକାଠି ହୋଇଛନ୍ତି ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ। ବୁଧବାର କଂଗ୍ରେସ ଅଧ୍ୟକ୍ଷତାରେ ଦିଲ୍ଲୀରେ ବସିଥିବା ଇଣ୍ଡିଆ ବ୍ଲକରେ ସବୁ ଦଳ ଗୋଟିଏ ସ୍ୱରରେ ନିର୍ବାଚନ କମିଶନଙ୍କ ବିରୋଧରେ ଗର୍ଜିଛନ୍ତି। ଏଥିସହ ନିର୍ବାଚନ କମିଶନ ବିରୋଧରେ ଏକାଠି ଲଢ଼େଇ କରି ଗଣତନ୍ତ୍ରର ସୁରକ୍ଷା ପାଇଁ ପଣ କରିଛନ୍ତି। ଆସନ୍ତା ୨ ତାରିଖରୁ ବିରୋଧୀ ମେଣ୍ଟ ପକ୍ଷରୁ ପୂରା ଦେଶରେ ଆରମ୍ଭ କରିବ ଗଣତନ୍ତ୍ର *(ପୃଷ୍ଠା ୭ରେ)*

# ବନ୍ୟା ପ୍ରଭାବିତ ଅଞ୍ଚଳରେ କ୍ଷତିପୂରଣ ପ୍ରଦାନ ତ୍ୱରାନ୍ୱିତ କରିବାକୁ ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୩୦।୯**

**ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟର ବନ୍ୟା ପ୍ରଭାବିତ ଅଞ୍ଚଳରେ ବିପନ୍ନଙ୍କୁ ସହାୟତା ପ୍ରଦାନ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ରାଜୀବ ଭବନ ଠାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ପରେ ରାଜସ୍ୱମନ୍ତ୍ରୀ କହିଛନ୍ତି ଗଜପତି, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ବାଲେଶ୍ୱର, ଭଦ୍ରକ, ଯାଜପୁର ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହିତ ସୁବିସ୍ତୃତ ଆଲୋଚନା କରି ଲଗାଣ ବର୍ଷା ତଥା ବନ୍ୟାରେ ପ୍ରଭାବିତ ଜନସାଧାରଣଙ୍କ କ୍ଷତିପୂରଣ ପ୍ରଦାନ ତ୍ୱରାନ୍ୱିତ *(ପୃଷ୍ଠା ୭ରେ)*

# ରାଜଧାନୀରେ ସିଭିଲ ଡ୍ରେସ୍‌ରେ ବୁଲିବ ପୋଲିସ

**ଭୁବନେଶ୍ୱର,୩୦।୯**

**ନ୍ୟୁଜ୍‌ବ୍ୟୁରୋ**

ଆଗାମୀ ପାର୍ବଣ ଋତୁ ପାଇଁ ରାଜଧାନୀ ଭୁବନେଶ୍ୱର ସହରରେ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି *(ପୃଷ୍ଠା ୭ରେ)*


KALINGA INSTITUTE OF INDUSTRIAL TECHNOLOGY

KIIT Deemed to be University

(Established U/S 3 of UGC Act 1956), Bhubaneswar, Odisha, India

Organisation in Special Consultative Status with the United Nations Economic & Social Council (UN-ECOSOC)

PURPOSE TO PEARL 1997 - 2027

THE World University Rankings 2027

4th Best

Among All Universities in India

1st in Eastern India

501+ Cohort Globally




Every year, Times Higher Education (THE) publishes its World University Rankings. This year, THE has released the World University Rankings 2027. KIIT has emerged as one of the **best** and **most promising universities** in **India and across the globe**. KIIT ranks **4th** among both goverment and private universities in India and is placed in the **501–550 global cohort**. It has also maintained its **1st position** in **Eastern India** despite increased institutional participation worldwide.

- **Best Campus** Outstanding infrastructure & world-class facilities
- **Best Placement** Excellent Opportunities & Career Outcomes
- **Best Environment & Ambience** Supportive learning environment with a vibrant campus atmosphere
- **Student Friendly Campus** Student-centric approach with comprehensive support services
- **Parent-Friendly Institution** Transparent communication & parent engagement
- **Modern Student Library** 24×7 Study Space for Focused Learning

*KIIT is an institute of 29 years (1997–2026) and a Deemed to be University of only 22 years (2004–2026)*

KIIT-DU, Patia, Bhubaneswar, Odisha, India 751024 kiit@kiit.ac.in www.kiit.ac.in

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୧ ଅକ୍ଟୋବର ୨୦୨୬ ଗୁରୁବାର





# ମଣିପାଲ ହସ୍ପିଟାଲ ପକ୍ଷରୁ 'ବିଶ୍ୱ ହୃଦୟ ଦିବସ' ପାଳିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଶ୍ୱ ହୃଦୟ ଦିବସ ଅବସରରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଏକ ହୃଦ୍‌ରୋଗ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷାର ମହତ୍ତ୍ୱ, ଠିକ୍ ସମୟରେ ଚିକିତ୍ସା ଏବଂ ହୃଦ୍‌ରୋଗରୁ ରକ୍ଷା ପାଇବା ପାଇଁ ସୁସ୍ଥ ଜୀବନଶୈଳୀ ଆପଣାଇବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ରୋଟାରୀ କ୍ଲବ୍, ଇନର୍ ହ୍ୱିଲ୍ ରେଡିଆଣ୍ଟ, ଖଣ୍ଡଗିରି ୱେଲଫେୟାର ସୋସାଇଟି, ସତ୍ୟସାଇ ଏନକ୍ଲେଭ୍ ଏବଂ ଆଖପାଖ ଅଞ୍ଚଳରୁ ପ୍ରାୟ ୧୦୦ ଜଣ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେମାନେ ହୃଦୟକୁ ସୁସ୍ଥ ରଖିବାର ଉପାୟ ସମ୍ପର୍କରେ ହସ୍ପିଟାଲର କାର୍ଡିଆକ୍ ସାଇନସ୍ସେ ଟିମ୍ ସହିତ ଆଲୋଚନା କରିଥିଲେ। ଏହି ଅଧିବେଶନରେ ରୋଗର ପ୍ରାଥମିକ ଚେତାବନୀ ବା ଲକ୍ଷଣ, ଠିକ୍ ସମୟରେ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସୁସ୍ଥ ଜୀବନଶୈଳୀ ଆପଣାଇବାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇ ବିଶ୍ୱ ହୃଦୟ ଦିବସର ବାର୍ତ୍ତା 'ଡୋଣ୍ଟ ମିସ୍ ଏ ବିଟ୍'କୁ ଦୋହରାଯାଇଥିଲା। ଏହି ଅବସରରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର କ୍ଲଷ୍ଟର ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର କହିଛନ୍ତି, 'ଜୀବନର ପ୍ରତ୍ୟେକଟି ପର୍ଯ୍ୟାୟରେ ହୃଦୟର ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦିଆଯିବା ଉଚିତ। ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଜୀବନଶୈଳୀରେ ସାମାନ୍ୟ ପରିବର୍ତ୍ତନ ଆଣି ବିପଦକୁ ଆଗୁଆ ଚିହ୍ନଟ କରିବା ସହ ଠିକ୍ ସମୟରେ ଚିକିତ୍ସା କରାଯାଇପାରିବ।' ଇଣ୍ଟରଭେନସନାଲ କାର୍ଡିଓଲୋଜିର ସିନିୟର କନ୍‌ସଲ୍‌ଟାଣ୍ଟ ତଥା ଡାଇରେକ୍ଟର ଡାକ୍ତର ଜେ. କେ. ପାଢ଼ୀ କହିଛନ୍ତି, 'ନିୟମିତ ସ୍କ୍ରିନିଂ ଦ୍ୱାରା ହୃଦ୍‌ରୋଗ ଜନିତ ବିପଦ ଗମ୍ଭୀର ହେବା ପୂର୍ବରୁ ହିଁ ଚିହ୍ନଟ ହୋଇପାରିବ। ଲୋକମାନେ ନିଜର ରକ୍ତଚାପ, ରକ୍ତରେ ଶର୍କରା ଏବଂ କୋଲେଷ୍ଟ୍ରଲ ମାତ୍ରା ପରୀକ୍ଷା କରିବା ନେଇ ସଚେତନ ରହିବା ଆବଶ୍ୟକ।' ସିଟିଭିଏସ୍‌ର ସିନିୟର କନ୍‌ସଲ୍‌ଟାଣ୍ଟ ଡାକ୍ତର ଜିତେନ୍ଦ୍ର ନାଥ ପଟ୍ଟନାୟକ କହିଛନ୍ତି, 'ସମୟୋଚିତ ନିଦାନ ଏବଂ ଚିକିତ୍ସା ହୃଦ୍‌ରୋଗ ଚିକିତ୍ସା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିପାରେ। ପ୍ରାଥମିକ ଚେତାବନୀ ବା ଲକ୍ଷଣଗୁଡ଼ିକୁ ଚିହ୍ନି ବିନା ବିଳମ୍ବରେ ଡାକ୍ତରୀ ପରାମର୍ଶ ନେବା ଅତ୍ୟନ୍ତ ଜରୁରୀ।'

# ଗଞ୍ଜାମ ଜିଲ୍ଲାରେ ବନ୍ଦ ହୋଇଥିବା ୨୪ ପ୍ରାଥମିକ ବିଦ୍ୟାଳୟ ଖୋଲିବ କେବେ ?

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମରେ ବନ୍ଦ ହୋଇଥିବା ୨୪ଟି ବିଦ୍ୟାଳୟ କେବେ ଖୋଲିବ ତାକୁ ନେଇ ପ୍ରଶ୍ନ ଉଠିଛି । ଉପସ୍ଥାନ କମ୍ ଥିବାରୁ ଜିଲ୍ଲାରେ ୪୦୦ ସରକାରୀ ବିଦ୍ୟାଳୟ ବନ୍ଦ ହୋଇଯାଇଥିବା ବେଳେ ସେଥିରୁ ମାତ୍ର ୨୪ଟି ବିଦ୍ୟାଳୟକୁ ପୁଣିଥରେ ଖୋଲିବାକୁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା । ହେଲେ ଆଜକୁ ୬ ମାସ ହେବ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିକଟରେ ଏହି ପ୍ରସ୍ତାବ ପଡ଼ି ରହିଛି । ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଦାବି ସହିତ ପୁଣିଥରେ ଖୋଲିବାପାଇଁ ଆବଶ୍ୟକ ମାପଦଣ୍ଡ ପୂରଣ ହୋଇଥିବା ସତ୍ତ୍ୱେ ଏ ଦିଗରେ କାହିଁକି ତ୍ୱରିତ୍ ନିଷ୍ପତି ନିଆଯାଉନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି । ଗଞ୍ଜାମ ଜିଲ୍ଲାରେ ୨୦୨୦ -୨୧ ଶିକ୍ଷାବର୍ଷରେ କମ୍ ଉପସ୍ଥାନ ଯୋଗୁଁ ଜିଲ୍ଲାରେ ପ୍ରାୟ ୪୦୦ଟି ବିଭିନ୍ନ ବର୍ଗର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବନ୍ଦ ହୋଇଯାଇଥିଲା । ତେବେ ବର୍ତମାନ ୨୪ଟି ପୁରୁଣା ବିଦ୍ୟାଳୟ ରହିଥିବା ଗ୍ରାମଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ଘଟିଛି । ସେହିକ୍ରମରେ ନିଜ ଅଞ୍ଚଳରେ ବନ୍ଦ ହୋଇ ଯାଇଥିବା ବିଦ୍ୟାଳୟ ଖୋଲିବାକୁ ଗ୍ରାମବାସୀ ଓ ଅଭିଭାବକ ଦାବି କରି ଆସୁଛନ୍ତି । ଏହିଦାବିକୁ ବିଚାରକୁ ନେଇ ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ୨୪ଟି ବିଦ୍ୟାଳୟକୁ ଖୋଲିବା ପାଇଁ ପଦକ୍ଷେପ ନିଆଯାଇଥିଲା । ଗତ ମାର୍ଚ୍ଚରେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଏ ସମ୍ପର୍କରେ ଏକ ପ୍ରସ୍ତାବ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଥିଲା । ଜିଲ୍ଲାର ରଙ୍ଗେଇଲୁଣ୍ଡା ବ୍ଲକ୍‌ର ଫୁଲ୍‌ଟା ସରକାରୀ ପ୍ରାଥମିକ ବିଦ୍ୟାଳୟ, ଧରାକୋଟର କୁଶପଡ଼ା ପ୍ରାଥମିକ ବିଦ୍ୟାଳୟ ଓ ଘଷିପିଲି ପ୍ରାଥମିକ ବିଦ୍ୟାଳୟ, ବୁଗୁଡ଼ା ବ୍ଲକ୍‌ର ଶଦାଶିବପୁର ପ୍ରାଥମିକ ବିଦ୍ୟାଳୟ, ଦିଗପହଣ୍ଡିର ବିଜୟନଗର ଗଡ଼ ପ୍ରାଥମିକ ବିଦ୍ୟାଳୟ, ଚିକିଟି ବ୍ଲକ୍‌ର ଖୁଣ୍ଟପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦେଉଳିଆପଡ଼ା ପ୍ରାଥମିକ ବିଦ୍ୟାଳୟ ଖଲ୍ଲିକୋଟର ଲାଖପଡ଼ା ଭଳି ଆସିକା ବ୍ଲକ୍, ଛତ୍ରପୁର ବ୍ଲକ୍‌ର ରାଜନାପଲ୍ଲୀ ପ୍ରାଥମିକ ବିଦ୍ୟାଳୟ, ଭଞ୍ଜନଗରର କଲ୍ଲୀଆମ୍ବ ପ୍ରାଥମିକ ବିଦ୍ୟାଳୟ, ସାନଖେମୁଣ୍ଡି ବ୍ଲକ୍‌ର ରଥପୁର ପ୍ରାଥମିକ ବିଦ୍ୟାଳୟ, ଶେରଗଡ଼ ବ୍ଲକ୍‌ର କମଳାଦେଇପୁର ପ୍ରାଥମିକ ବିଦ୍ୟାଳୟ, ପାଟପୁର ବ୍ଲକ୍‌ର ଜୟନ୍ତୀପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, କୁକୁଡ଼ାଖଣ୍ଡିର ବାଉଁଶିଆପଲ୍ଲୀ ପ୍ରାଥମିକ ବିଦ୍ୟାଳୟ ଭଳି ମୋଟ ୨୪ଟି ବିଦ୍ୟାଳୟ ପୁଣିଥରେ ଖୋଲିବାକୁ ଜିଲ୍ଲାପାଳଙ୍କ ଜରିଆରେ ପ୍ରସ୍ତାବ ଦିଆଯାଇଥିଲା । ଉକ୍ତ ବିଦ୍ୟାଳୟ ଗୁଡ଼ିକ ଖୋଲିଲେ ଛାତ୍ରଛାତ୍ରୀ ନିଜ ଗ୍ରାମରୁ ଏକାଧିକ କିଲୋମିଟର ଦୂରରେ ଥିବା ଅନ୍ୟ ଗ୍ରାମର ବିଦ୍ୟାଳୟକୁ ଯିବାରୁ ମୁକ୍ତି ପାଇବେ। ନିଜ ଅଞ୍ଚଳରେ ପୁଣି ବିଦ୍ୟାଳୟ ଖୋଲିବା ଦ୍ୱାରା ଛାତ୍ରଛାତ୍ରୀଙ୍କ ଶିକ୍ଷାଗ୍ରହଣ ସୁବିଧା ହେବ ଏବଂ ଉପସ୍ଥାପନ ଅଧିକ ବଢ଼ିବ ବୋଲି କୁହାଯାଉଛି । ହେଲେ ଏହା ଭିତରେ ୬ ମାସ ବିତି ସାରିଛି । ଆଜି ମଧ୍ୟ ଏହି ୨୪ ବିଦ୍ୟାଳୟରେ ତାଲା ବନ୍ଦ ରହିଛି। ସେଗୁଡ଼ିକ ଖୋଲିବା ଦିଗରେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନଥିବାରୁ ଉପରୋକ୍ତ ଗ୍ରାମର ଛାତ୍ରଛାତ୍ରୀ ଓ ଅଭିଭାବକ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି ।

# ମହାବିଦ୍ୟାଳୟରେ ୩୨ ୟୁନିଟ ରକ୍ତ ସଂଗ୍ରହ

**ବୌଦ୍ଧ,, ନ୍ୟୁଜ୍ ବ୍ୟୁରୋ**

ଜାତୀୟ ସେବା ଯୋଜନା ଦିବସ ଅବସରରେ ବୌଦ୍ଧସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ପରିସରରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏନଏସ୍‌ଏସ୍‌ର ଅଧିକାରୀ ସୁଶ୍ରୀ ଶାଶ୍ୱତୀ ଶ୍ୱେତାଲିନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ମେହେର ଶିବିରକୁ ଉଦ୍‌ଘାଟନ କରିଥିବାବେଳେ ଜିଲ୍ଲା ଏନଏସଏସ ଅଧିକାରୀ ଡ. କଳ୍ପତରୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ସେବା ମନୋଭାବରେ କଲେଜର ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ରକ୍ତଦାନ କରିଥିବାବେଳେ ମୋଟ ୩୨ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବ୍ରହ୍ମାନନ୍ଦ ନାୟକ, ସୌମ୍ୟରଞ୍ଜନ ନାୟକ, ଟିଟୁନ ପ୍ରଧାନ, ମୃତ୍ୟୁଞ୍ଜୟ ପ୍ରଧାନ, ଅମିତ କୁମାର ହଂସ, ଘନଶ୍ୟାମ ମେହେର, ଅମିତ ଭୋକ୍ତା ପ୍ରମୁଖ ସହଯୋଗ କରିଥିଲେ।



# ସୁସ୍ଥ ଭବିଷ୍ୟତ ପାଇଁ ଫାର୍ମାସିଷ୍ଟଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱ

**ବରଗଡ, ନ୍ୟୁଜ୍ ବ୍ୟୁରୋ**

ବରପାଲିସ୍ଥିତ ଦି ଫାର୍ମାସ୍ୟୁଟିକାଲ କଲେଜ ପରିସରରେ ଆଜି ବିଶ୍ୱ ଫାର୍ମାସିଷ୍ଟ ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଚଳିତ ବର୍ଷର ଏହି ଦିବସରେ "ସୁସ୍ଥ ଭବିଷ୍ୟତ ପାଇଁ ଫାର୍ମାସିଷ୍ଟଙ୍କୁ ସଶକ୍ତ କରିବା" ଏବଂ "ସ୍ୱସ୍ଥ ଭାରତ: ଆଣ୍ଟିମାଇକ୍ରୋବିଆଲ୍ ପ୍ରତିରୋଧକୁ ମୁକାବିଲା" ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା। କଲେଜର ଅଧ୍ୟକ୍ଷ ନରେନ୍ଦ୍ର କୁମାର ହୋତାଙ୍କ ଉପସ୍ଥିତି ଏହି କାର୍ଯ୍ୟକ୍ରମକୁ ଗରିମାମୟ କରିଥିଲା।




ମୁଖ୍ୟ ଅତିଥି ଭାବେ ବରଗଡ଼ର ମାନ୍ୟବର ସାଂସଦ ପ୍ରଦୀପ କୁମାର ପୁରୋହିତ ଯୋଗଦେଇଥିଲେ। ଏହା ସହିତ ବରଗଡ଼ର ବିଶିଷ୍ଟ ଅସ୍ଥିଶଲ୍ୟ ଚିକିତ୍ସକ ଡା. ଅଶ୍ୱିନୀ କୁମାର ଭୋଇ ଏବଂ ନବ କିଶୋର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଡା. ରଞ୍ଜନ କୁମାର ସାହୁ, ଦି ଫାର୍ମାସ୍ୟୁଟିକାଲ କଲେଜ, ବରପାଲିର ଅଧ୍ୟକ୍ଷ ଡା. ଆଶୁତୋଷ ପାଢ଼ୀ ଏବଂ ରାଜୀବ ଲୋଚନ ହୋତା କଲେଜ ଅଫ୍ ଫାର୍ମାସି, ମହଦାର ଅଧ୍ୟକ୍ଷ ଡା. ଆଶୁତୋଷ ମେହେରଙ୍କ ସମେତ ଉଭୟ ମହାବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ବିଶ୍ୱ ଫାର୍ମାସିଷ୍ଟ ଦିବସର ଗୁରୁତ୍ୱ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଫାର୍ମାସିଷ୍ଟମାନଙ୍କ ଭୂମିକା ଏବଂ ଆଣ୍ଟିମାଇକ୍ରୋବିଆଲ୍ ପ୍ରତିରୋଧ ଭଳି ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା ସମ୍ପର୍କରେ ଏହି ଅବସରରେ ସଚେତନତା ସୃଷ୍ଟି କରାଯାଇଥିଲା। କଲେଜ ପକ୍ଷରୁ କୁହାଯାଇଛି ଯେ, ଅଧ୍ୟାପକ, କର୍ମଚାରୀ, ଛାତ୍ରଛାତ୍ରୀ ଓ ଅତିଥିମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ଓ ସ୍ମରଣୀୟ ହୋଇପାରିଛି।

# ନିଶାମୁକ୍ତ ସମାଜ ସହ ସାଇବର ଓ ସଡ଼କ ସୁରକ୍ଷା ନେଇ ସଚେତନତା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ନିଶାମୁକ୍ତ ସମାଜ ଗଠନ ଓ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବୌଦ୍ଧ ପୋଲିସ ପକ୍ଷରୁ ନିଶାମୁକ୍ତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ବିଜାପଦର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ବ୍ଲକ ବ୍ରାହ୍ମଣୀପାଲି ଗ୍ରାମ ପଞ୍ଚାୟତ



ଅନ୍ତର୍ଗତ ବିଜାପଦର ଗ୍ରାମରେ ଏହି ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ବୌଦ୍ଧ ଥାନା ଆଇଆଇସି ରିତ ମୁନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବଘିଆପଡ଼ା ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ, ବୌଦ୍ଧ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଟିଆଇ, ବନରକ୍ଷୀ ନୀଲୁ ପାଣିଗ୍ରାହୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ନିଶା ସେବନ ଦ୍ୱାରା ବ୍ୟକ୍ତି, ପରିବାର ଓ ସମାଜ ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ନିଶାଦ୍ରବ୍ୟଠାରୁ ଦୂରେଇ ରହି ଏକ ସୁସ୍ଥ ଓ ନିଶାମୁକ୍ତ ସମାଜ ଗଠନରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କୁହାଯାଇଥିଲା। ଏଥିସହ ଗଞ୍ଜେଇ ଚାଷରୁ ଦୂରେଇ ରହି ବିକଳ୍ପ ଭାବେ ଅନ୍ୟ ଅର୍ଥକାରୀ ଫସଲ ଚାଷ କରିବା ପାଇଁ ଗ୍ରାମବାସୀଙ୍କୁ ପରାମର୍ଶ ଦିଆଯାଇଥିଲା। ଜଙ୍ଗଲ ସୁରକ୍ଷା ଓ ପରିବେଶ ସଂରକ୍ଷଣର ଆବଶ୍ୟକତା ନେଇ ମଧ୍ୟ ସଚେତନ କରାଯାଇଥିଲା।

# "ନିରାପତ୍ତା ଓ ସାଇବର ଆଇନ୍" ନେଇ ସଚେତନତା



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ସୁବର୍ଣ୍ଣପୁରର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ଗିରିଜା ପ୍ରସାଦ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ସ୍ଥାନୀୟ କୁଳପଡା ଆଙ୍ଗନବାଡୀ କେନ୍ଦ୍ର, ପଟାଭାଡି, ସୋନପୁର ଠାରେ "ସୋସିଆଲ ମିଡ଼ିଆ କ୍ଷେତ୍ରରେ ନିରାପତ୍ତା ଏବଂ ସାଇବର ଆଇନ" ବିଷୟ ଉପରେ ଏକ ଜିଲ୍ଲା ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁରର ସଚିବ ଦେବାଶିଷ ଦାଶ ମୁଖ୍ୟ ଅତିଥି ରୂପରେ ଯୋଗଦେଇ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ତଥା ସାଇବର ଆଇନ୍, ସୋସିଆଲ ମିଡ଼ିଆର ସଠିକ୍ ବ୍ୟବହାର, ସୋସିଆଲ ମିଡ଼ିଆ କ୍ଷେତ୍ରରେ ନିରାପତ୍ତା ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ଲିଗାଲ ସ୍ୱେଚ୍ଛାସେବୀ ରିତା ମହାରଣା ଓ ଆଙ୍ଗନବାଡୀ କର୍ମୀ ନମିତା ନାୟକ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ: ଯାଜପୁର ଜିଲ୍ଲାକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ଜିଲ୍ଲାପାଳଙ୍କ ଆହ୍ୱାନ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାକୁ ଯକ୍ଷ୍ମାମୁକ୍ତ କରିବା ଲକ୍ଷ୍ୟରେ ଜିଲ୍ଲାପାଳ ଅମ୍ବର କୁମାର କର ଏବଂ ଯାଜପୁର ସାଂସଦ ଡା. ରବିନ୍ଦ୍ର ନାରାୟଣ ବେହେରା ଙ୍କ ମିଳିତ ଅଧ୍ୟକ୍ଷତାରେ 'ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ'ର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାଂସଦ ଡା. ରବିନ୍ଦ୍ର ନାରାୟଣ ବେହେରା ଯକ୍ଷ୍ମା ନିରାକରଣ ଅଭିଯାନକୁ ସଫଳ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲାକୁ ୨୦୩୦ ସୁଦ୍ଧା ଯକ୍ଷ୍ମାମୁକ୍ତ କରିବା ଲକ୍ଷ୍ୟରେ ପ୍ରତ୍ୟେକ ବ୍ଲକରେ ଯକ୍ଷ୍ମା ରୋଗୀଙ୍କ ସକ୍ରିୟ ଚିହ୍ନଟ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବା, ବ୍ୟାପକ ସଚେତନତା ସୃଷ୍ଟି କରିବା ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ନିକ୍ଷୟ ପୋଷଣ ଯୋଜନାର ସୁବିଧା ପହଞ୍ଚାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର ଜିଲ୍ଲାରେ ଯକ୍ଷ୍ମା ରୋଗୀଙ୍କ ସକ୍ରିୟ ଚିହ୍ନଟ , ରୋଗ ନିରୂପଣ, ନିୟମିତ ଚିକିତ୍ସା ଓ ଔଷଧ ଯୋଗାଣ, ଔଷଧ ପ୍ରତିରୋଧୀ ଯକ୍ଷ୍ମା ରୋଗୀଙ୍କ ଉପଯୁକ୍ତ ଚିକିତ୍ସା ଏବଂ ଆବଶ୍ୟକୀୟ ପୋଷଣ ସହାୟତା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଘରୋଇ ଓ ସମ୍ପ୍ରଦାୟସ୍ତରରେ ସଚେତନତା ସୃଷ୍ଟି, ଯକ୍ଷ୍ମା ସମ୍ପର୍କିତ ଭ୍ରାନ୍ତ ଧାରଣା ଦୂରୀକରଣ, ପୋଷଣ ସହାୟତା ସମେତ ଯକ୍ଷ୍ମା ନିରାକରଣରେ ପ୍ରଭାବ ପକାଉଥିବା ସାମାଜିକ ନିର୍ଣ୍ଣାୟକଗୁଡ଼ିକର ସମାଧାନ ଏବଂ ଦୃଢ଼ ନିରୀକ୍ଷଣ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନଗେନ୍ଦ୍ରନାଥ ମହାପାତ୍ର ଜିଲ୍ଲାରେ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମର ବର୍ତ୍ତମାନ ସ୍ଥିତି, ଯକ୍ଷ୍ମା ରୋଗୀ ଚିହ୍ନଟ, ପରୀକ୍ଷା, ଚିକିତ୍ସା ଏବଂ ଧାର୍ଯ୍ୟ ଲକ୍ଷ୍ୟ ହାସଲ ଦିଗରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଯକ୍ଷ୍ମା ରୋଗୀ ଚିହ୍ନଟ ପ୍ରକ୍ରିୟାରେ ଅଧିକ




ବିପଦପ୍ରବଣ ବର୍ଗର ବ୍ୟକ୍ତିଙ୍କ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦେବା ନେଇ ଆଲୋଚନା ହୋଇଥିଲା। ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ, ଏଚ୍‌ଆଇଭି ପଜିଟିଭ୍ ବ୍ୟକ୍ତି, ମଧୁମେହ ତଥା ଅନ୍ୟାନ୍ୟ ଅଣସଂକ୍ରାମକ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ନିକଟରେ ଯକ୍ଷ୍ମା ଚିହ୍ନଟ ଓ ସ୍କ୍ରିନିଂକୁ ଅଧିକ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଦ୍ୱାର-ଦ୍ୱାର ଅଭିଯାନ ମାଧ୍ୟମରେ ୧୬ଟି ପାରାମିଟର ଆଧାରରେ ବ୍ୟକ୍ତିବିଶେଷଙ୍କ ସ୍କ୍ରିନିଂ, ପ୍ରତିଷେଧକ ସ୍ୱାସ୍ଥ୍ୟସେବା ପ୍ରଦାନ ଏବଂ ସ୍ୱତନ୍ତ୍ର ପରିଚୟ ସଂଖ୍ୟା ଜରିଆରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ତଥ୍ୟ ଉପଲବ୍ଧ କରାଇବା ଉପରେ ଆଲୋଚନା ହୋଇଥିଲା। ଯାଜପୁର ଜିଲ୍ଲାକୁ ଯକ୍ଷ୍ମାମୁକ୍ତ କରିବା ଲକ୍ଷ୍ୟ ହାସଲ ନିମନ୍ତେ ସମସ୍ତ ସ୍ୱାସ୍ଥ୍ୟକର୍ମୀ, ଚିକିତ୍ସାଧିକାରୀ, ସମ୍ପୃକ୍ତ ବିଭାଗ ଏବଂ ସମୁଦାୟର ସମନ୍ୱିତ ପ୍ରୟାସକୁ ଆହୁରି ସୁଦୃଢ଼ କରି ଜାରି ରଖିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ବୈଠକରେ ଏଡିପିଏଚ୍‌ଓ (ଟିବି) ଡା. ଗୋପାଳ ଚନ୍ଦ୍ର ମଲ୍ଲିକ, ଏଡିପିଏଚ୍‌ଓ (ଡିସି) ଡା. ରମେଶ ଚନ୍ଦ୍ର ମଲ୍ଲିକ, ଡିଏମ୍‌ଓ-କମ୍-ଏମ୍‌ଏସ୍ ଡା. ମନୋଜ କୁମାର ସେନାପତି, ଡିପିଏମ୍ ବିଶ୍ୱରଞ୍ଜନ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ବୌଦ୍ଧ ଜିଲ୍ଲାରେ ୧୨ ଧାନକ୍ରୟ କେନ୍ଦ୍ରର ଶିଳାନ୍ୟାସ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃଷି ଶିକ୍ଷା ସଦନ ଓୟୁଏଟି ଭୁବନେଶ୍ୱରରୁ ଆଭାସୀ ମାଧ୍ୟମରେ ସମବାୟ ସଦସ୍ୟତା ମହା ଅଭିଯାନ 'ସମ୍ବନ୍ଧ'ର ଶୁଭାରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ବୌଦ୍ଧସ୍ଥିତ ମାଉସୀ ମା ମନ୍ଦିର ପରିସରରେ ବୌଦ୍ଧଜିଲ୍ଲାରେ ୧୨ଟି ପ୍ୟାକ୍ସ ଧାନକ୍ରୟ କେନ୍ଦ୍ରର ଭିତ୍ତିଭୂମି ଲୋକାର୍ପଣହୋଇଛି । ଏହି ୧୨ଟିପ୍ୟାକ୍ସ ଗୁଡିକ ହେଲା ମା ମେଟାକାନୀ ଖଟଖଟିଆ ପ୍ୟାକ୍ସ, ଆମ୍ବଝରୀ, କୁଶଙ୍ଗ, ସଙ୍କୁଲୋଇ, କାଶଲପୁର, ମୁଣ୍ଡିପଦର, ଲମ୍ବସରୀ, ଗୁନ୍ଦୁଳିଆ, ହରଭଙ୍ଗା, କଣ୍ଟାମାଳ, ପଲସାଗୋରା ଓଆନିଗଡ ପ୍ୟାକ୍ସ । ଏହାକୁ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଭିତ୍ତିପ୍ରସ୍ତର ଲୋକାର୍ପଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଉପ-ଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ସୂଚନା ଓ ଲୋକସଂପର୍କଅଧିକାରୀ ବିଦ୍ୟାପତି ପଣ୍ଡା ଯୋଗ ଦେଇଥିଲେ ।

# ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ମାର୍ଗଦର୍ଶନ ଉପରେ ଆଲୋକପାତ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ଦିବ୍ୟ ଜୀବନ ସଂଘ ଆତ୍ମଜ୍ଞାନ ଆଶ୍ରମ ପକ୍ଷରୁ ପୁଣ୍ୟଶ୍ଳୋକ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ପବିତ୍ର ୧୧୦ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଚୌଦ୍ୱାର ପୌରପାଳିକା କପାଳେଶ୍ୱରସ୍ଥିତ ଆଶ୍ରମରେ ସ୍ୱାମୀ ଅଚ୍ୟୁତାନନ୍ଦ ସରସ୍ୱତୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ୍ ବିଶ୍ୱମୋହନ ପଟ୍ଟନାୟକ ମୁଖ୍ୟ ମାର୍ଗଦର୍ଶକ ଭାବେ ଯୋଗଦେଇ ସ୍ୱାମୀଜୀଙ୍କ ଜୀବନ ଦର୍ଶନସମ୍ପର୍କରେ ଆଲୋକପାତ କରି ତାଙ୍କ ଦର୍ଶନକୁ ଜୀବନର ପନ୍ଥା ଭାବେ ଗ୍ରହଣ କରିବାକୁ ସମସ୍ତ ସଭ୍ୟମାନଙ୍କୁ ପ୍ରେରଣା ଦେଇଥିଲେ । ଏଥି ସହିତ ସ୍ୱାମୀଜୀ କିପରି ସର୍ବଜନ୍ୟ ପୁଜ୍ୟ ଥିଲେ ତାଙ୍କର ଭକ୍ତ ଏବଂ ଅନୁଗାମୀ ମାନେ କିପରି ଦର୍ଶନ ପାଇଁ ବ୍ୟାକୁଳ ଥିଲେ ତାହା ବର୍ଣ୍ଣନା କରିଥିଲେ । ବସୁଧୈବ କୁଟୁମ୍ବକଂ ପ୍ରଚାର ସମିତିର ଓଡିଶା ମୁଖ୍ୟ ଭାଗିରଥୀ ସାହୁ ଓ ଟାଙ୍ଗୀ-ଚୌଦ୍ୱାର ଭାବଗବତ ପ୍ରଚାର ସମିତିର ସଭାପତି ସିଦ୍ଧେଶ୍ୱର ନାୟକ ଅତିଥି ଭାବେ ସ୍ୱାମିଜୀଙ୍କ ଜୀବାନଦର୍ଶ ଉପରେ ଆଲୋକପାତ କରିଥିଲେ। ପ୍ରଭାତରେ ପ୍ରଭାତଫେରି, ଗୁରୁ ପାଦୁକା ପୁଜା, ନାମ ସଂକୀର୍ତ୍ତନ, ଭଜନ, ପ୍ରବଚନ ସହିତ ମଧ୍ୟାହ୍ନରେ ନାରାୟଣ ସେବା ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ଆଶ୍ରମ ପ୍ରତି ନିଷ୍ଠାପର ଅବଦାନ ପାଇଁ ରଘୁନାଥ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଚୌଦ୍ୱାର ସଂଘ ସଭାପତି ଅଦୈତ ବଳ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘ ସମ୍ପାଦକ ଜୟକୃଷ୍ଣ ପରିଡ଼ା, ଅଚ୍ୟୁତାନନ୍ଦ ପରିଡ଼ା, ରାମଚନ୍ଦ୍ର ସାହୁ, ସୁରେଶ ମିଶ୍ର, ଶରତ କୁମାର ଖୁଣ୍ଟିଆ, ବିପ୍ରଚରଣ ନାୟକ, ବିମଳ ବେଉରା,ତ୍ରିଲୋଚନ ଦାସ, ବିଜୟ କୁମାର ଦାସ, ଯୋଗେଶ ପରିଜା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ପ୍ରତ୍ୟେକ ଚାଷୀ ପରିବାରରୁ ଜଣଙ୍କୁ ସମବାୟ ସମିତି ସହ ଯୋଡାଯିବ

**କଟକ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ସମବାୟ ବିଭାଗ ଦ୍ୱାରା ରାଜ୍ୟବ୍ୟାପୀ 'ସମ୍ବନ୍ଧ' ମେଗା ସଦସ୍ୟତା ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନର ରାଜ୍ୟସ୍ତରୀୟ ଶୁଭାରମ୍ଭ ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ କରାଯାଇଥିବା ବେଳେ ଏହାର ସିଧାପ୍ରସାରଣ ସହ ଜିଲ୍ଲାସ୍ତରୀୟ ଶୁଭାରମ୍ଭ ନେତାଜୀ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମାନ୍ୟବର କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରରୁ ଅତି କମରେ ଜଣେ ସଦସ୍ୟଙ୍କୁ ପ୍ରାଥମିକ କୃଷି ସମବାୟ ସମିତି ସହିତ ଯୋଡ଼ିବା ଏହି ମେଗା ସଦସ୍ୟତା ଅଭିଯାନର ପ୍ରମୁଖ ଲକ୍ଷ୍ୟ। ଏହାଦ୍ୱାରା ସମବାୟ ବ୍ୟବସ୍ଥାରେ ଅଧିକରୁ ଅଧିକ ଲୋକଙ୍କ ଅଂଶଗ୍ରହଣ ସୁନିଶ୍ଚିତ ହେବା ସହ ଗ୍ରାମୀଣ ଅର୍ଥନୀତି ଓ ଜୀବିକାକୁ ଅଧିକ ସୁଦୃଢ଼ କରାଯାଇପାରିବ। ସେ କହିଥିଲେ ଯେ, ଏହି ଅଭିଯାନରେ ସମବାୟ ସଂସ୍ଥାଗୁଡ଼ିକୁ ଅଧିକ ସଶକ୍ତ କରିବା ସହ ପ୍ରତ୍ୟେକ ପରିବାରକୁ ଆତ୍ମନିର୍ଭର କରିବା ଦିଗରେ ଏହି ଅଭିଯାନ ସହାୟକ ହେବ। ସରକାରଙ୍କ ବିଭିନ୍ନ ଯୋଜନାରେ ଲାଭାର୍ଥୀଙ୍କ ଆକାଉଣ୍ଟକୁ ସିଧାସଳଖ ଅର୍ଥ ପ୍ରଦାନ କରାଯାଉଥିବାରୁ ମଧ୍ୟସ୍ଥତା ହ୍ରାସ ପାଇବା ସହ ସ୍ୱଚ୍ଛତା ବୃଦ୍ଧି ପାଇଛି ବୋଲି ସେ ଉଲ୍ଲେଖ କରିଥିଲେ। ଏହି ଅବସରରେ ମାନ୍ୟବର ସାଂସଦ ଜଗତସିଂହପୁରଙ୍କ ପ୍ରତିନିଧି ବନ୍ଧୁଚରଣ ସାହୁ, ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପସିତା ପ୍ରିୟଦର୍ଶିନୀ ମିଶ୍ର, ମୁଖ୍ୟ ଜିଲ୍ଲା ପ୍ରାଣୀଚିକିତ୍ସା ଅଧିକାରୀ ଡଃ ସୁଶାନ୍ତ କୁମାର ନାୟକ, ଜେନେରାଲ ମ୍ୟାନେଜର ଦୁଗ୍ଧ ସଂଘ କଟକ ସରୋଜ ସାହୁ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅନନ୍ତ କୁମାର ସାମଲଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ଥାନା ଅନ୍ତର୍ଗତ ଚିଂଗ୍ରିଡାଳ ଗ୍ରାମରେ ଏକ ପଡ଼ୋଶୀ ଗଣ୍ଡଗୋଳକୁ ନେଇ ଜଣେ ମହିଳାଙ୍କୁ ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଛି। ଏନେଇ ପୀଡ଼ିତାଙ୍କ ଅଭିଯୋଗ କ୍ରମେ ଖପ୍ରାଖୋଲ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ ଗତ ରବିବାର ସନ୍ଧ୍ୟା ପ୍ରାୟ ୬:୨୦ରେ ଚିଂଗ୍ରିଡାଳ ଗ୍ରାମର ପରମେଶ୍ୱର ବାଗଙ୍କ ସ୍ତ୍ରୀ ପାର୍ବତୀ ବାଗ (୫୦)ଙ୍କ ସହ ସେହି ଗ୍ରାମର ପୂର୍ଣ୍ଣମୀ ବାଗ (ସ୍ୱାମୀ- ଗଣେଶ ବାଗ), ଏବଂ ଲୋଚନା ବାଗ (ସ୍ୱାମୀ- ସ୍ୱର୍ଗତ ଲଚ୍ଛି ବାଗ)ଙ୍କ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ଅଭିଯୋଗ ଅନୁଯାୟୀ, ଉକ୍ତ ବ୍ୟକ୍ତିମାନେ ପାର୍ବତୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲ୍ଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେବା ସହ ସେମାନେ ତାଙ୍କୁ ମାରପିଟ୍ କରିଥିଲେ, ଯାହାଫଳରେ ପାର୍ବତୀଙ୍କ ହାତରେ ଗୁରୁତର ଆଘାତ ଲାଗିଥିଲା। ପୀଡ଼ିତା ପାର୍ବତୀ ବାଗ ଥାନାରେ ଲିଖିତ ଅଭିଯୋଗ ଦେବାପରେ ପୋଲିସ କେସ୍ ନଂ୨୦୪/୨୦୨୬ ଅନ୍ତର୍ଗତ ବିଏନଏସର ବିଭିନ୍ନ ଧାରା ଯଥା- ୧୨୬(୨), ୧୧୫(୨), ୨୯୬, ୩୫୧(୨) ଏବଂ ୩(୫)ରେ ଏକ ମାମଲା ରୁଜୁ କରିଛି। ଏହି ମାମଲାର ତଦନ୍ତଭାର ଥାନାର ଏ.ଏସ୍.ଆଇ. ଆର. କୁମ୍ଭାରଙ୍କୁ ପ୍ରଦାନ କରାଯାଇଥିବା ବେଳେ ଏ ନେଇ ପୋଲିସ ଜଣେ ଅଭିଯୁକ୍ତ ଗଣେଶ ବାଗ୍‌ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି।

# ପ୍ରଧାନଶିକ୍ଷକଙ୍କ ବଦଳି ପ୍ରତିବାଦରେ ସ୍କୁଲ ଫାଟକରେ ତାଲା ପକାଇଲେ ଅଭିଭାବକ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ଅନ୍ତର୍ଗତ ମୁଣ୍ଡାପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବଦଳିକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକମାନେ ଏକତ୍ରିତ ହୋଇ ବିଦ୍ୟାଳୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଥିଲେ। ବର୍ତ୍ତମାନ କାର୍ଯ୍ୟରତ ପ୍ରଧାନଶିକ୍ଷକ ଶେଷଦେବ ପ୍ରଧାନଙ୍କ ବଦଳି ବାତିଲ କରିବା କିମ୍ବା ଅଧିକ କିଛି ବର୍ଷ ଚାକିରି ଥିବା ଜଣେ ପ୍ରଧାନଶିକ୍ଷକଙ୍କୁ ବିଦ୍ୟାଳୟରେ ନିଯୁକ୍ତ କରିବାକୁ ସେମାନେ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ମୁଣ୍ଡାପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେଉଛି। ବିଦ୍ୟାଳୟରେ ସମୁଦାୟ ପ୍ରାୟ ୨୧୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୬ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଏଭଳି ସ୍ଥିତିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ ଶେଷଦେବ ପ୍ରଧାନ କାର୍ଯ୍ୟରତ ଥିଲେ। ତେବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଶ୍ରୀ ପ୍ରଧାନଙ୍କୁ ପଡ଼ୋଶୀ ଖମାରୀପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଛି । ଅଭିଭାବକମାନଙ୍କ କହିବା ଅନୁଯାୟୀ, ଶେଷଦେବ ପ୍ରଧାନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରି ଆସୁଥିବା ବେଳେ ବିଦ୍ୟାଳୟର



ଶିକ୍ଷାଦାନ ଓ ଅନ୍ୟାନ୍ୟ ବିଦ୍ୟାଳୟୀନ କାର୍ଯ୍ୟରେ ସମନ୍ୱୟ ରକ୍ଷା କରିଆସୁଥିଲେ। ଏବେ ତାଙ୍କୁ ବଦଳି କରାଯାଇ ଅବସରକୁ ମାତ୍ର କିଛି ମାସ ବାକି ଥିବା ଜଣେ ପ୍ରଧାନଶିକ୍ଷକଙ୍କୁ ଏଠାରେ ନିଯୁକ୍ତ କରାଯାଉଥିବା ନେଇ ଅଭିଭାବକମାନେ ଆପତ୍ତି ଉଠାଇଛନ୍ତି। ବୁଧବାର ଶ୍ରୀ ପ୍ରଧାନ ରିଲିଭ୍ ହେବାକୁ ଥିବା ଖବର ପାଇବା ପରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚିଥିଲେ। ପରେ ସେମାନେ ଫାଟକରେ ତାଲା ପକାଇ ବଦଳି ନିଷ୍ପତ୍ତିର ପ୍ରତିବାଦ କରିଥିଲେ। ଏହାକୁ ନେଇ କିଛି ସମୟ ପାଇଁ ବିଦ୍ୟାଳୟ ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅଭିଭାବକମାନେ କହିଛନ୍ତି ଯେ, ୨୧୫ ଜଣ ଛାତ୍ରଛାତ୍ରୀ ଥିବା ଏହି ବିଦ୍ୟାଳୟରେ ଅଭିଜ୍ଞ ପ୍ରଧାନଶିକ୍ଷକଙ୍କ ଆବଶ୍ୟକତା ରହିଛି। ତେଣୁ ଶେଷଦେବ ପ୍ରଧାନଙ୍କ ବଦଳି ନିଷ୍ପତ୍ତି ପୁନର୍ବିଚାର କରାଯାଇ ତାଙ୍କୁ ପୂର୍ବପରି ଏହି ବିଦ୍ୟାଳୟରେ ରଖାଯାଉ। ନଚେତ୍ ଯେଉଁ ପ୍ରଧାନଶିକ୍ଷକଙ୍କର ଅବସରକୁ ଆଉ କିଛି ମାସ ବାକି ରହିଛି, ତାଙ୍କ ବଦଳରେ ଆହୁରି କିଛି ବର୍ଷ ଚାକିରି କରିବାକୁ ଥିବା ଜଣେ ପ୍ରଧାନଶିକ୍ଷକଙ୍କୁ ଏଠାରେ ନିଯୁକ୍ତ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା, ଶିକ୍ଷାଦାନର ଗୁଣବତ୍ତା ଓ ବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟକୁ ଦୃଷ୍ଟିରେ ରଖି ପ୍ରଧାନଶିକ୍ଷକଙ୍କ ବଦଳି ସମ୍ପର୍କରେ ବିଭାଗୀୟ ଅଧିକାରୀ ପୁନର୍ବିଚାର କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏଥିସହ ଦାବି ପୂରଣ ନହେଲେ ଆଗାମୀ ଦିନରେ ପୁଣି ଆନ୍ଦୋଳନ କରାଯିବ ବୋଲି ଅଭିଭାବକମାନେ କହିଥିବା ଜଣାପଡ଼ିଛି।

31 YEARS
ସମ୍ବାଦ କଳିକା

# ହ୍ୱାଟ୍ସଆପ୍ ମେସେଜ୍ ପାଇଁ ମେଟାର ନୂଆ ନିୟମ

ମେଟା ଭାରତରେ ୧ ଅକ୍ଟୋବର ୨୦୨୬ରୁ ଏହାର WhatsApp Business Platform ପ୍ରାଇସିଂରେ ବଡ଼ଧରଣର ପରିବର୍ତ୍ତନ କରୁଛି । ଏହାର ଅର୍ଥ ହେଲା ବ୍ୟବସାୟୀମାନଙ୍କୁ ବର୍ତ୍ତମାନ ସେହି ମେସେଜଗୁଡ଼ିକ ପାଇଁ ମଧ୍ୟ ଟଙ୍କା ଦେବାକୁ ପଡ଼ିବ, ଯାହା ପୂର୍ବରୁ ସମ୍ପୂର୍ଣ୍ଣ ମାଗଣା ଥିଲା। ମନେକରନ୍ତୁ, ବର୍ତ୍ତମାନ ବ୍ୟବସାୟୀମାନେ ୨୪ ଘଣ୍ଟାର ୱିଣ୍ଡୋ ଭିତରେ ଗ୍ରାହକଙ୍କ ମେସେଜର ଜବାବ ଏବଂ ଅର୍ଡର ଅପଡେଟ୍ ସମ୍ପୂର୍ଣ୍ଣ ମାଗଣାରେ ପଠାଇ ପାରୁଥିଲେ, କିନ୍ତୁ ୧ ଅକ୍ଟୋବରରୁ ଏହି ନିୟମ ବଦଳିଯିବ। ତେବେ ଆସନ୍ତୁ ଜାଣିବା ଆଜିଠାରୁ କ'ଣ ପରିବର୍ତ୍ତନ ହେଉଛି, କେଉଁ ଜିନିଷଗୁଡ଼ିକ ମାଗଣା ରହିବ ଏବଂ ବ୍ୟବସାୟୀମାନଙ୍କୁ କେତେ ଅଧିକ ଟଙ୍କା ଦେବାକୁ ପଡ଼ିବ। ବର୍ତ୍ତମାନ ପର୍ଯ୍ୟନ୍ତ WhatsApp Business Platform ବ୍ୟବହାର କରୁଥିବା ବ୍ୟବସାୟୀମାନେ କୌଣସି ଗ୍ରାହକଙ୍କ ମେସେଜ୍ ଆସିବାର ୨୪ ଘଣ୍ଟା ଭିତରେ ତାଙ୍କୁ ମାଗଣାରେ ଜବାବ ଦେଇ ପାରୁଥିଲେ । ଏଥିରେ ପ୍ରଡକ୍ଟ ବା ଅର୍ଡର ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଦେବା ସହିତ ଅର୍ଡର କନଫର୍ମେସନ୍ ଏବଂ ଡେଲିଭରି ଅପଡେଟ୍ ପଠାଇବା ମଧ୍ୟ ସାମିଲ ଥିଲା । କିନ୍ତୁ, ୧ ଅକ୍ଟୋବରରୁ ମେଟା ଏହି ୨୪ ଘଣ୍ଟାର ୱିଣ୍ଡୋ ଭିତରେ ପଠାଯାଇଥିବା ଅର୍ଡର ଅପଡେଟ୍ ଏବଂ ଅନ୍ୟାନ୍ୟ ୟୁଟିଲିଟି ମେସେଜ୍ ପାଇଁ ବ୍ୟବସାୟୀଙ୍କଠାରୁ ଚାର୍ଜ ଆଦାୟ କରିବା ଆରମ୍ଭ କରିବ । ତେବେ ଗ୍ରାହକଙ୍କ ପ୍ରଶ୍ନର ଜବାବ ପ୍ରତି ମାସରେ ପ୍ରଥମ ୧,୦୦୦ଟି ସର୍ଭିସ୍ ମେସେଜ୍ ପାଇଁ ସମ୍ପୂର୍ଣ୍ଣ ମାଗଣା ରହିବ । ଭାରତରେ ମେଟା ଏଥିପାଇଁ GST ବ୍ୟତୀତ ଷ୍ଟାଣ୍ଡାର୍ଡ ରେଟ୍ ୦.୧୧୫ ଟଙ୍କା ପ୍ରତି ମେସେଜ୍ ସ୍ଥିର କରିଛି । ୧୮ ପ୍ରତିଶତ GST ଯୋଗ କରିବା ପରେ ଏହା ପ୍ରାୟ ୦.୧୩୬ ଟଙ୍କା ପଡ଼ିବ । ପ୍ରମୋଶନାଲ୍ ଅଫର୍ ଏବଂ ସେଲ୍ ଆନାଉନ୍ସମେଣ୍ଟ ପାଇଁ ମେଟା ୦.୮୬୩୧ ଟଙ୍କା ପ୍ରତି ମେସେଜ୍ ଧାର୍ଯ୍ୟ କରିଛି। OTP ଇତ୍ୟାଦି ପଠାଇବା ପାଇଁ GST ପୂର୍ବରୁ ୦.୧୧୫ ଟଙ୍କା ପ୍ରତି ମେସେଜ୍ ଦେବାକୁ ପଡ଼ିବ । ପ୍ରତ୍ୟେକ ବ୍ୟବସାୟୀଙ୍କୁ ପ୍ରତି ମାସରେ ପ୍ରଥମ ୧,୦୦୦ଟି ସର୍ଭିସ୍ ମେସେଜ୍ ସମ୍ପୂର୍ଣ୍ଣ ମାଗଣାରେ ମିଳିବ । ସାଧାରଣ ଗ୍ରାହକମାନଙ୍କ ପାଇଁ କୌଣସି ପରିବର୍ତ୍ତନ ହୋଇନାହିଁ। ଗ୍ରାହକମାନେ ପୂର୍ବଭଳି ବ୍ୟବସାୟୀଙ୍କୁ ମାଗଣାରେ ମେସେଜ୍ ପଠାଇ ପାରିବେ ଏବଂ ସେମାନଙ୍କୁ କୌଣସି ଟଙ୍କା ଦେବାକୁ ପଡ଼ିବ ନାହିଁ । ଯେଉଁ ବ୍ୟବସାୟୀମାନେ "Click-to-WhatsApp' ବିଜ୍ଞାପନ କିମ୍ବା ଫେସବୁକ୍ ପେଜ୍ ଜରିଆରେ ଗ୍ରାହକଙ୍କ ମେସେଜ୍ ପାଆନ୍ତି, ସେମାନଙ୍କ ପାଇଁ ମେଟା ୭୨ ଘଣ୍ଟାର ମାଗଣା ୱିଣ୍ଡୋ ଜାରି ରଖିଛି । ୧ ଅକ୍ଟୋବରରୁ ଯେଉଁ ବ୍ୟବସାୟୀମାନେ ଗ୍ରାହକଙ୍କୁ ଜବାବ ଦେବା, ଅର୍ଡର ଅପଡେଟ୍ ପଠାଇବା ଏବଂ ଡେଲିଭରି ନୋଟିଫିକେସନ୍ ପାଇଁ ହ୍ୱାଟ୍ସଆପ୍ ବ୍ୟବହାର କରୁଛନ୍ତି, ସେମାନଙ୍କୁ ବର୍ତ୍ତମାନ ଅଧିକ ଟଙ୍କା ଦେବାକୁ ପଡ଼ିପାରେ । କିନ୍ତୁ, ସାଧାରଣ ଗ୍ରାହକଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ ।



# ବ୍ରହ୍ମବିଦୂଷୀ ଆନି ବେସାନ୍ତ୍

ପ୍ରକାଶ ମହାପାତ୍ର
ମଞ୍ଜୁରୀରୋଡ଼, ଭଦ୍ରକ
ମୋ ୯୯୩୭୯୭୦୩୪୫

ମାନବତା ଓ ଆଧ୍ୟାତ୍ମିକତା ଜଗତରେ ଏକ ଉଜ୍ଜଳ ତାରକା ଭାବେ ପ୍ରତିଭାତ ବ୍ରହ୍ମବିଦୂଷୀ ଆନି ବେସାନ୍ତ୍ ସମଗ୍ର ବିଶ୍ୱରେ ଏକ ଶ୍ରଦ୍ଧାସ୍ପଦ ନାମ। ପରମାୟୁ ମଧ୍ୟରେ ଅନେକ ନିର୍ଯାତନା ସହି ନିଜର ଔଜ୍ଜଲ୍ୟ ପ୍ରଦର୍ଶନ କରିଥିବା ଆନି ବେସାନ୍ତ୍ ବ୍ରହ୍ମ ବିଦ୍ୟାର ପ୍ରଚାର ଓ ପ୍ରସାର ପାଇଁ ପ୍ରଶଂସନୀୟ ଉଦ୍ୟମ କରିଥିଲେ। ତାଙ୍କର ଜନ୍ମ ଭୂମି ଇଂଲଣ୍ଡ ଠାରୁ ଆରମ୍ଭ କରି କର୍ମ ଭୂମି ଭାରତ ପର୍ଯ୍ୟନ୍ତ ସବୁସ୍ଥାନରେ ସେ ନିଜର ମାନବତା ପ୍ରଦର୍ଶନ କରି ଦୁଃସ୍ଥ ମଣିଷଙ୍କର ନ୍ୟାଯ୍ୟ ଅଧିକାର ଓ ସୁସ୍ଥ ଜୀବନ ଯାପନ ପାଇଁ ପ୍ରେରଣା ଦାତ୍ରୀ ନେତ୍ରୀ ଭାବେ କାର୍ଯ୍ୟ କରିଥିଲେ ।

ଏହି ବିଦୂଷୀ ଆନିଙ୍କର ଜନ୍ମ ୧୮୪୭ ମସିହା ଅକ୍ଟୋବର ମାସ ୧ ତାରିଖରେ ଲଣ୍ଡନର କ୍ଲାପହାମ୍ ଟାଉନରେ ହୋଇଥିଲା। ପିତା ବହୁ ଭାଷାବିତ୍ ଓ ପ୍ରବୀଣ ଗଣିତଜ୍ଞ ୱିଲିୟମ୍ ଉଡ୍ ଓ ମାତା ଏମିଲି ମୋରିସ୍‌ଙ୍କ କନ୍ୟା ଆନି ଉଡ୍ ମାତ୍ର ୫ବର୍ଷର ହୋଇଥିବା ବେଳେ ତାଙ୍କ ବାପାଙ୍କ ମୃତ୍ୟୁ ହୋଇଥିଲା । ମାଆ ଏମିଲି ଅନେକ କଷ୍ଟ ସହି ତାଙ୍କର ଭରଣ ପୋଷଣ କରିଥିଲେ। କୋଡ଼ିଏ ବର୍ଷ ବୟସରେ ରେଭରେଣ୍ଡ ଫ୍ରାଙ୍କ ବେସାନ୍ତ୍‌ଙ୍କ ସହ ବିବାହ ପରେ ସେ ଆନି ବେସାନ୍ତ୍ ଭାବେ ପରିଚିତ ହେଲେ। ମାତ୍ର ଅନ୍ଧ ବିଶ୍ୱାସ, କୁସଂସ୍କାର ଓ ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ସ୍ୱାମୀଙ୍କ ସହ ମତାନ୍ତର ଯୋଗୁ ତାଙ୍କୁ ଅକଥନୀୟ ନିର୍ଯାତନା ସହିବାକୁ ପଡ଼ିଲା ଓ ମାତ୍ର ୬ ବର୍ଷର ବୈବାହିକ ଜୀବନରେ ଭଙ୍ଗା ପଡ଼ିଲା। ତାଙ୍କର ମାଆ ଏମିଲିଙ୍କ ବିୟୋଗ ଓ ଦୁଇ ସନ୍ତାନଙ୍କୁ ସ୍ୱାମୀ ନିଜ ପାଖ ରେ ରଖିବାରୁ ନିସଙ୍ଗ ହୋଇ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିବା ବେଳେ ଏକ ଅଶରୀରୀ ସ୍ୱର ତାଙ୍କୁ ତିରସ୍କାର କରି ମହାପାପରୁ ନିବୃତ୍ତ ରହି ସାହସର ସହିତ ଜୀବନ ପଥରେ ଅଗ୍ରସର ହେବା ପାଇଁ ପ୍ରବର୍ତ୍ତାଇ ଥିଲା। ଏହାପରେ ତାଙ୍କ ଜୀବନର ଗତି ବଦଳି ଗଲା। ଧର୍ମାନ୍ଧତା ଓ କୁସଂସ୍କାର ବିରୁଦ୍ଧରେ ଲଢେଇ କରୁଥିବା ସମାଜ ସେବୀ ତଥା ଆଇନଜୀବୀ ଚାର୍ଲ୍ସ ବ୍ରାଡଲେଙ୍କ ସାରଗର୍ଭକ ଭାଷଣରେ ପ୍ରଭାବିତ ହୋଇ ଆନି 'ମୁକ୍ତ ଚିନ୍ତନ ଆନ୍ଦୋଳନ'ରେ ଯୋଗ ଦେଲେ।

ନିଷ୍ପେଷିତ, ଶୋଷିତ ବର୍ଗର ଲୋକଙ୍କ ସେବା କରିବା ସହ ସେମାନଙ୍କ ନ୍ୟାୟସଙ୍ଗତ ଦାବୀକୁ ସମର୍ଥନ କରି ଖବରକାଗଜରେ ଲେଖିବା, ସଭାସମିତିରେ ଜନମତ ସୃଷ୍ଟି କରିଥିଲେ । ବିଜ୍ଞାନ ଅଧ୍ୟୟନରେ ପ୍ରବଳ ଆଗ୍ରହ ଓ ପ୍ରଖର ମେଧା ଶକ୍ତି ସତ୍ତ୍ୱେ ତାଙ୍କ ପ୍ରତି ଅସହିଷ୍ଣୁ ହୋଇ ଜଣେ ଅଧ୍ୟାପକ ତାଙ୍କୁ ପରୀକ୍ଷାରେ କୃତକାର୍ଯ୍ୟ ହେବାରେ ପ୍ରତିବନ୍ଧକ ସାଜିବାରୁ ଆନି ବିଶ୍ୱବିଦ୍ୟାଳୟରୁ ସ୍ନାତକ ହୋଇପାରିଲେ ନାହିଁ । ମାତ୍ର ପରବର୍ତ୍ତୀ ସମୟରେ ଭାରତକୁ ଶିକ୍ଷା ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଡି. ଲିଟ୍ ଉପାଧି ପ୍ରଦାନ କରାଯାଇଥିଲା।

୧୮୮୫ରେ ଆନି 'ଫାବିଆନ ସୋସାଇଟି' ସହ ଜଡ଼ିତ ହୋଇଥିଲେ। ସମାଜ କଲ୍ୟାଣ ଓ ମୁକ୍ତ ଚିନ୍ତନ ଧାରା ପ୍ରତି ଆକୃଷ୍ଟ ହୋଇ ସେ କିଛି କାଳ କାର୍ଯ୍ୟ କରିଥିଲେ ମଧ୍ୟ ନାସ୍ତିବାଚକ ଆନ୍ଦୋଳନର ନାସ୍ତିବାଚକ ଦିଗ ପ୍ରତି କ୍ରମଶଃ ସେ ବିତୃଷ୍ଣ ହୋଇ ପଡ଼ିଲେ। ବ୍ୟକ୍ତିଗତ ଜୀବନର ବିଫଳତାକୁ ନେଇ ଭାବାବିଷ୍ଟ ଥିବା ସମୟରେ ପୁଣି ତାଙ୍କୁ ଏକ ଅଶରୀରୀର ବାଣୀ 'ଏକନିଷ୍ଠ ଭାବରେ ସତ୍ୟର ସନ୍ଧାନ ପାଇଁ ଆଗ୍ରହୀ କି ବୋଲି ପ୍ରଶ୍ନ ଶୁଣାଗଲା। ସ୍ୱତଃ ତାଙ୍କ ମନରେ ସୃଷ୍ଟ ଉତ୍ତର ହିଁ ତାଙ୍କ ଜୀବନର ଗତି ପଥକୁ ବଦଳାଇ ଦେଲା । କର୍ମ ପନ୍ଥା ଓ ଚିନ୍ତା ଧାରା ବଦଳିଗଲା। ଏହି ସମୟରେ ବ୍ରହ୍ମ ବିଦ୍ୟା ସମିତିର ପ୍ରତିଷ୍ଠାତ୍ରୀ ହେଲେନା ପେଟ୍ରୋଭନା ବ୍ଲାଭାଟସ୍କିଙ୍କ ରଚିତ ' ଦି ସିକ୍ରେଟ ଡକ୍ଟରାଇନ ' ପୁସ୍ତକର ପ୍ରଥମ ଓ ଦ୍ୱିତୀୟ ଭାଗର ସମୀକ୍ଷା ଲେଖିବାର ଗୁରୁଦାୟିତ୍ୱ ବହନ କରି ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜଗତର ଜଣାଶୁଣା ଚିନ୍ତାଶୀଳ ମନୀଷୀ ମାନଙ୍କର ରଚନା ଓ ବୈଜ୍ଞାନିକ ତତ୍ତ୍ୱର ଅନୁଶୀଳନ କରି ଚିର ଅଭୀପ୍ସିତ ସତ୍ୟର ନିର୍ଯ୍ୟାସକୁ ଉପଲବ୍ଧି କରିଥିଲେ। ବ୍ରହ୍ମ ବିଦ୍ୟା ସମିତିର ସଦସ୍ୟା ହେବା ପରେ ୧୮୮୯ ମସିହା ମେ ମାସ ୧୦ ତାରିଖରେ ସେ ଏହାର ପ୍ରତିଷ୍ଠାତ୍ରୀଙ୍କର ଆଶୀର୍ବାଦ ପ୍ରାପ୍ତ କରିଥିଲେ। ବ୍ରହ୍ମ ବିଦ୍ୟା ସମିତିରେ ଯୋଗ ଦେବା ପରେ ସେ ସମିତିର କାର୍ଯରେ ନିଜକୁ ଉତ୍ସର୍ଗୀକୃତ କରି କାର୍ଯ କରିଥିଲେ। ମାନବ ସମାଜରୁ ଅନ୍ୟାୟ, ଅନୀତି, ଭ୍ରଷ୍ଟାଚାର ବିରୋଧରେ ଲଢ଼େଇ କରି ନୂତନ ଆଲୋକିତ ଜୀବନର ସନ୍ଧାନ ଦେବାପାଇଁ ଅଗ୍ରସର ହେଲେ । ୧୮୯୩ ମସିହା ସେପ୍ଟେମ୍ବର ମାସରେ ସେ ଚିକାଗୋରେ ବିଶ୍ୱ ଧର୍ମ ସଭାରେ ଯୋଗ ଦେଇଥିଲେ।ଏହାପରେ କଲୋମ୍ବରେ ଅଭିଭାଷଣ ପ୍ରଦାନ କରି ଆନି ୧୮୯୩ ନଭେମ୍ବର ୧୬ ତାରିଖରେ ଭାରତ ଆସିଥିଲେ । ପୁଣ୍ୟ ଭୂମି ଭାରତ ପ୍ରତି ଆନି ବେସାନ୍ତ୍ ଙ୍କର ପ୍ରବଳ ଆକର୍ଷଣ ଥିଲା।

ବାଗ୍ମୀ ଆନି ବେସାନ୍ତ୍ ଭାରତର ଐତିହ୍ୟ, ସଂସ୍କୃତି, ଆଧ୍ୟାତ୍ମିକ ପରମ୍ପରା ସନାତନ ଧର୍ମର ସାର୍ବଜନୀନତା ସମ୍ପର୍କରେ ଦେଶବାସୀଙ୍କୁ ଉଦବୁଦ୍ଧ କରାଇଥିଲେ। ଭାରତୀୟଙ୍କ ମଧ୍ୟରେ ସ୍ୱାଭିମାନ ବୋଧ ଜାଗ୍ରତ କରାଇବାରେ ତାଙ୍କର ଭୂମିକା ଅବିସ୍ମରଣୀୟ । ଜାତିପ୍ରଥା, ଅସ୍ପୃଶ୍ୟତାର ନିରାକରଣ ପାଇଁ ସେ କାର୍ଯ୍ୟ କରିଥିଲେ । ଭାରତରେ ଶିକ୍ଷାର ପ୍ରସାର ପାଇଁ ସେ ଅନେକ ଉଦ୍ୟମ କରିଥିଲେ । ବନାରସ ଠାରେ କେନ୍ଦ୍ରୀୟ ହିନ୍ଦୁ କଲେଜ ସ୍ଥାପନ ଦେଶରେ ଉଚ୍ଚ ଶିକ୍ଷା ପାଇଁ ତାଙ୍କର ଉଲ୍ଲେଖନୀୟ ଅବଦାନ। ଭାରତୀୟ ଯୁବ ଶକ୍ତିର ଦୈହିକ,ମାନସିକ ଓ ବୌଦ୍ଧିକ ବିକାଶ ପାଇଁ ସେ 'Sons and Daughters of India ' ଓ ଦରିଦ୍ର ମେଧାବୀ ଭାରତୀୟ ଛାତ୍ରଛାତ୍ରୀଙ୍କୁ ଆମେରିକା ଓ ଇଂଲଣ୍ଡରେ ଉଚ୍ଚ ଶିକ୍ଷା ଲାଭରେ ସହାୟତା ପାଇଁ "Young Men's India Association " ନାମକ ଅନୁଷ୍ଠାନ ପ୍ରତିଷ୍ଠା କରିଥିଲେ । ତାଙ୍କ ଉଦ୍ୟମରେ ଆମ ଦେଶରେ ଅନେକ ନାରୀ ଶିକ୍ଷା ନିକେତନ ପ୍ରତିଷ୍ଠା ହୋଇଥିଲା । ନାରୀ ମାନଙ୍କର ସାମଗ୍ରିକ ବିକାଶ ପାଇଁ ସେ କାର୍ଯ୍ୟ କରିଥିଲେ। ଏଥିପାଇଁ ସେ 'The Stal Warts' ସଂସ୍ଥା ଗଠନ କରି ବାଲ୍ୟ ବିବାହକୁ ରୋକିବା ଲାଗି କାର୍ଯ୍ୟ କରିଥିଲେ । ୧୮୧୭ ମସିହା ମେ ମାସ ୮ତାରିଖରେ ସେ ଭାରତୀୟ ମହିଳା ସମିତି ଗଠନ କରିବା ସହ ପ୍ରଥମ ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ମହିଳା ମାନଙ୍କ ଦୟନୀୟ ସ୍ଥିତି ଓ ଅଯଥା ପ୍ରଥା ପରମ୍ପରାର ଯାତନାରୁ ମୁକ୍ତି ସହ ନ୍ୟାଯ୍ୟ ସାମାଜିକ ଅଧିକାର ପ୍ରଦାନ ଏହି ସଂସ୍ଥାର ଲକ୍ଷ୍ୟ ଥିଲା।

ବ୍ରିଟିଶ ଶାସନ କାଳରେ ଭାରତୀୟ ସଭ୍ୟତା ଓ ସଂସ୍କୃତିର ଅବକ୍ଷୟ ପାଇଁ ଉଦ୍ୟମକୁ ବିରୋଧ କରି ସେ ତାଙ୍କର ଆଧ୍ୟାତ୍ମିକ ଜନ୍ମଭୂମି ଭାରତର ପୁନଃ ଅଭ୍ୟୁଦୟ ପାଇଁ ସଙ୍କଳ୍ପ କରିଥିଲେ।ଏଣୁ ଭାରତୀୟମାନଙ୍କର ଆତ୍ମ ବିଶ୍ୱାସ ଓ ଆତ୍ମସମ୍ମାନବୋଧ ଫେରାଇ ଆଣିବା ପାଇଁ ବିଭିନ୍ନ କାର୍ଯ୍ୟ କରିବା ସହ ଭାରତର ସର୍ବାଙ୍ଗିନ ଉନ୍ନତି ଓ ଜାତୀୟ ସଂହତି ରକ୍ଷା ପାଇଁ ୧୯୧୭ ମସିହା ଏପ୍ରିଲ ୭ ତାରିଖରେ "Order of Brothers of Service ' ନାମରେ ଏକ ଅନୁଷ୍ଠାନ ପ୍ରତିଷ୍ଠା କରିଥିଲେ। ୧୯୧୩ ମସିହାରେ ସେ ଭାରତୀୟ ରାଜନୀତିରେ ପ୍ରବେଶ କରି ବ୍ରିଟିଶ ଶାସନ ବ୍ୟବସ୍ଥା ବିରୋଧୀ ଜନ ଅସନ୍ତୋଷ ସମ୍ପର୍କରେ ସଚେତନତା ସୃଷ୍ଟି କରି ଦେଶର ଉନ୍ନତି ପାଇଁ ସରକାରଙ୍କୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ "The Common Well ' ନାମରେ ଏକ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶ କରିଥିଲେ । ପରେ ସେ ତାଙ୍କର ସମ୍ପାଦନାରେ 'ନ୍ୟୁ ଇଣ୍ଡିଆ' ନାମରେ ଏକ ଦୈନିକ ସମ୍ବାଦପତ୍ର ପ୍ରକାଶ କରିଥିଲେ। "All India Home Rule League ' ପରାଧୀନ ଭାରତରେ ରାଜନୀତି କ୍ଷେତ୍ରକୁ ତାଙ୍କର ମହତ୍ତ୍ୱ ପୂର୍ଣ୍ଣ ଅବଦାନ ଥିଲା । ଶିକ୍ଷାର ପ୍ରସାର ଓ ଭାରତର ରାଜନୀତିକ ସ୍ୱାଧୀନତା ସପକ୍ଷରେ ଅଗ୍ର ନେତୃତ୍ୱ ନେଇ ସେ ବ୍ରିଟିଶ ସରକାରଙ୍କ ଚକ୍ଷୁଶୀଳ ଥିଲେ । ୧୯୧୭ ମସିହାରେ ସେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ଭାରତର ମୁକ୍ତି ଓ ଉନ୍ନତି ତାଙ୍କ ଜୀବନର ବିଶେଷ ଉଦ୍ଦେଶ୍ୟ ଥିଲା । ବିଦେଶରେ ଜନ୍ମିତ ଏହି ମନସ୍ୱିନୀ ନାରୀ ଭାରତର ଶିକ୍ଷା, ସାମାଜିକ, ରାଜନୀତିକ ଅବସ୍ଥା ତଥା ଆଧ୍ୟାତ୍ମିକ କ୍ଷେତ୍ରକୁ ନିଜର ବଳିଷ୍ଠ ଉଦ୍ୟମରେ ଋଦ୍ଧିମନ୍ତ କରିଥଲେ। ସେ ଥିଲେ ଅନାସକ୍ତ କର୍ମଯୋଗିନୀ । ଜଣେ ପୁଣ୍ୟାତ୍ମା ସାଧ୍ୱୀ ଭାବରେ ଆଜୀବନ କାର୍ଯ୍ୟ କରି ସେ ୧୯୩୩ ମସିହା ସେପ୍ଟେମ୍ବର ୨୦ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ । ସେ ଥିଲେ ଶାନ୍ତି, କର୍ମ ଓ ତ୍ୟାଗର ମହିମାରେ ବିଭୂଷିତ ଉଜ୍ଜ୍ୱଳ ବ୍ୟକ୍ତିତ୍ୱ। ସ୍ୱାର୍ଥକେନ୍ଦ୍ରୀ ଚିନ୍ତା ରହିତ ସାର୍ବଜନୀନ କଲ୍ୟାଣକାମିତା ଓ ଲୋକୋତ୍ତର ଚେତନାରେ ମଗ୍ନ ହୋଇ କାର୍ଯ୍ୟ କରିବାକୁ ତାଙ୍କର ପ୍ରେରଣା ମାନବସମାଜକୁ ଚିରକାଳ ଉଦବୁଦ୍ଧ କରୁଥିବ ।

## ଜନ ଗଣ ସ୍ୱାସ୍ଥ୍ୟ-୧୮



ଡାକ୍ତର ଅଂଶୁମାନ କର
ଅନନ୍ୟ ନିକେତନ, ଏନ -୧/ ୧୮୩ ଆଇ.ଆର.ସି ଭିଲେଜ
ଭୁବନେଶ୍ୱର -୧୫
ମୋ-୯୭୭୮୦୩୦୪୯୪

(ବିଶ୍ୱ ବାର୍ଦ୍ଧକ୍ୟ ଦିବସ ଉପଲକ୍ଷେ)

# ବୃଦ୍ଧାବସ୍ଥା ସହ ସଂଗ୍ରାମ

ବୟସ ବୃଦ୍ଧି ହେବା ଏକ ପ୍ରାକୃତିକ ପ୍ରକ୍ରିୟା। ବୟସ ବଢ଼ିବା ସହିତ ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକର କାର୍ଯ୍ୟଦକ୍ଷତା ଧୀରେ ଧୀରେ ହ୍ରାସ ପାଇଥାଏ। ଫଳରେ ବୃଦ୍ଧାବସ୍ଥାରେ ବିଭିନ୍ନ ପ୍ରକାର ଶାରୀରିକ ଓ ମାନସିକ ସମସ୍ୟା ଦେଖାଦିଏ। ତେବେ ସଠିକ୍ ଜୀବନଶୈଳୀ, ସଚେତନତା ଓ ନିୟମିତ ଯତ୍ନ ଦ୍ୱାରା ବାର୍ଦ୍ଧକ୍ୟଜନିତ ରୋଗଗୁଡ଼ିକୁ ରୋକାଯାଇପାରିବ ଏବଂ ଏକ ସୁସ୍ଥ ଜୀବନ ବିତାଯାଇପାରିବ। ବୃଦ୍ଧାବସ୍ଥାରେ ଦେଖାଯାଉଥିବା ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା:- ୧. ଅସ୍ଥି ଓ ଗଣ୍ଠି ଯନ୍ତ୍ରଣା: ବୟସ ବଢ଼ିଲେ ହାଡ଼ ଦୁର୍ବଳ ହୋଇଯାଏ ଏବଂ ଗଣ୍ଠି ବିନ୍ଧା-ବିନ୍ଧି ହୁଏ। ଗୋଡ଼, ଆଣ୍ଠୁ ଓ ଅଣ୍ଟା ଯନ୍ତ୍ରଣା ଏହି ସମୟରେ ଅଧିକ ଦେଖାଯାଏ। ୨.ଉଚ୍ଚ ରକ୍ତଚାପ ଓ ହୃଦ୍‌ରୋଗ: ବୟସ ସହିତ ରକ୍ତବାହୀ ନଳୀଗୁଡ଼ିକ ଶକ୍ତ ହୋଇଯାଏ, ଯାହା ଫଳରେ ରକ୍ତଚାପ ବୃଦ୍ଧି ପାଏ ଏବଂ ହୃଦ୍‌ଘାତର ଆଶଙ୍କା ବଢ଼ିଥାଏ। ୩. ମଧୁମେହ: ଶରୀରରେ ଇନ୍‌ସୁଲିନ୍‌ର ମାତ୍ରା କମିଯିବା କିମ୍ବା ସଠିକ୍ କାମ ନକରିବା ଯୋଗୁଁ ବୟସ୍କ ବ୍ୟକ୍ତିଙ୍କଠାରେ ଶର୍କରା ସ୍ତର ନିୟନ୍ତ୍ରଣ ବାହାରକୁ ଚାଲିଯାଏ। ୪. ଦୃଷ୍ଟିଶକ୍ତି ଓ ଶ୍ରବଣଶକ୍ତି ହ୍ରାସ: ଛାଣି/ ମୋତିଆବିନ୍ଦୁ ଯୋଗୁଁ ଆଖିକୁ ଅସ୍ପଷ୍ଟ ଦେଖାଯିବା ଏବଂ କାନକୁ କମ୍ ଶୁଭିବା ବାର୍ଦ୍ଧକ୍ୟର ଅନ୍ୟତମ ମୁଖ୍ୟ ଲକ୍ଷଣ। ୫. ସ୍ମୃତିଶକ୍ତି ହ୍ରାସ ଓ ଆଲଜାଇମର: ବୟସ ବଢ଼ିଲେ ମସ୍ତିଷ୍କର କୋଷଗୁଡ଼ିକ ଦୁର୍ବଳ ହୋଇ କଥା ଭୁଲିଯିବା ବା ଚିହ୍ନିବାରେ ଅସୁବିଧା ହେବା ଭଳି ସମସ୍ୟା ଦେଖାଯାଏ। ୬.ମାନସିକ ସମସ୍ୟା ଓ ଏକାକୀପଣ: ନିଜର ପ୍ରିୟଜନଙ୍କଠାରୁ ଦୂରେଇ ରହିବା, ଅବସର ଗ୍ରହଣ କରିବା କିମ୍ବା ଶାରୀରିକ ଅକ୍ଷମତା ଯୋଗୁଁ ବହୁତ ବୟସ୍କ ବ୍ୟକ୍ତି ନିରାଶା (Depression) ଓ ଏକାକୀପଣର ଶିକାର ହୁଅନ୍ତି। ଏହା ବ୍ୟତୀତ ଅନ୍ୟ ଅନେକ ସମସ୍ୟା ଯଥା ଶ୍ରବଣ ଶକ୍ତି ହ୍ରାସ, ନିମୋନିଆ ଆଦି ଏହି ବୟସରେ ଅଧିକ ଯନ୍ତ୍ରଣା ଦେଇ ଥାଏ। ବାର୍ଦ୍ଧକ୍ୟଜନିତ ସମସ୍ୟାଗୁଡ଼ିକୁ ସମ୍ପୂର୍ଣ୍ଣ ଏଡ଼ାଇବା ସମ୍ଭବ ନହେଲେ ମଧ୍ୟ କିଛି ସାଧାରଣ ନିୟମ ପାଳନ କରି ଏଗୁଡ଼ିକୁ ନିୟନ୍ତ୍ରଣରେ ରଖାଯାଇପାରିବ:୧. ସୁଷମ ଆହାର- ପ୍ରଚୁର ପରିମାଣରେ ଶାଗ, ପନିପରିବା, ଫଳ, କ୍ୟାଲସିୟମ ଓ ଭିଟାମିନ୍ D ଯୁକ୍ତ ଖାଦ୍ୟ (ଯଥା: ଖୀର, ଦହି) ଖାଆନ୍ତୁ। ତେଲ, ଲୁଣ ଓ ଚିନିର ପରିମାଣ କମାନ୍ତୁ। ୨. ଶାରୀରିକ ପରିଶ୍ରମ- ନିୟମିତ ୨୦- ୩୦ ମିନିଟ୍ ଚାଲନ୍ତୁ କିମ୍ବା ହାଲୁକା ଯୋଗ ଓ ପ୍ରାଣାୟାମ କରନ୍ତୁ। ଏହା ଦ୍ୱାରା ରକ୍ତସଞ୍ଚାଳନ ସଠିକ୍ ରହେ। ୩. ସାମାଜିକ ସକ୍ରିୟତା- ନିଜକୁ ନିଜ ପରିବାର, ନାତି-ନାତୁଣୀ ଓ ସାଙ୍ଗସାଥୀଙ୍କ ସହ ବ୍ୟସ୍ତ ରଖନ୍ତୁ। ବହି ପଢ଼ିବା, ଚେସ୍ ଖେଳିବା କିମ୍ବା ନୂଆ କାମ ଶିଖିବା ଦ୍ୱାରା ମସ୍ତିଷ୍କ ସକ୍ରିୟ ରହେ। ୪.ନିୟମିତ ପରୀକ୍ଷା- ବର୍ଷକୁ ଅତି କମରେ ଥରେ ବା ଦୁଇଥର ରକ୍ତଚାପ, ଶର୍କରା (Sugar), ଆଖି ଓ ସମ୍ପୂର୍ଣ୍ଣ ଶରୀରର ଡାକ୍ତରୀ ପରୀକ୍ଷା କରାନ୍ତୁ। ୫. ପର୍ଯ୍ୟାପ୍ତ ନିଦ୍ରା- ପ୍ରତିଦିନ ୭-୮ ଘଣ୍ଟା ଶୋଇବା ନିହାତି ଜରୁରୀ। ଏହା ମାନସିକ ଶାନ୍ତି ପ୍ରଦାନ କରେ। ଭାରତରେ ଜନସଂଖ୍ୟା ବୃଦ୍ଧି ସହିତ ବରିଷ୍ଠ ନାଗରିକଙ୍କ ସଂଖ୍ୟା ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଚିକିତ୍ସା ବିଜ୍ଞାନର ଉନ୍ନତି ଯୋଗୁଁ ହାରା-ହାରି ଲୋକଙ୍କ ଆୟୁଷ ବୃଦ୍ଧି ପାଇଛି, ମାତ୍ର ଏହା ସହିତ ବୟସ୍କମାନଙ୍କର ବିଭିନ୍ନ ଶାରୀରିକ, ମାନସିକ ଓ ଆର୍ଥିକ ସମସ୍ୟା ଦେଶ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ୍ ବା ବୋଝ ପାଲଟିଛି। ଭାରତରେ ବରିଷ୍ଠ ନାଗରିକଙ୍କ (୬୦ ବର୍ଷରୁ ଉର୍ଦ୍ଧ୍ୱ) ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ରିପୋର୍ଟ ଅନୁସାରେ, ୨୦୫୦ ମସିହା ସୁଦ୍ଧା ଭାରତର ମୋଟ ଜନସଂଖ୍ୟାର ପ୍ରାୟ ୨୦% (୩୦ କୋଟିରୁ ଅଧିକ) ବରିଷ୍ଠ ନାଗରିକ ହୋଇଥିବେ। ଏହି ବିଶାଳ ଜନସଂଖ୍ୟା ପାଇଁ ଆବଶ୍ୟକ ସେବା ସୁବିଧା ଯୋଗାଇଦେବା ଏକ ବଡ଼ ଗୁରୁଦାୟିତ୍ୱ। ଭାରତର ପ୍ରାୟ ୭୫% ରୁ ଅଧିକ ବୟସ୍କ ବ୍ୟକ୍ତି କୌଣସି ନା କୌଣସି ଦୀର୍ଘକାଳୀନ ରୋଗ (Chronic Disease) ଯଥା: ଉଚ୍ଚ ରକ୍ତଚାପ, ମଧୁମେହ, ହୃଦ୍‌ରୋଗ, ଅସ୍ଥିସନ୍ଧି ପ୍ରଦାହ (Arthritis) ଓ କର୍କଟ ରୋଗରେ ଆକ୍ରାନ୍ତ। ଭାରତରେ ପ୍ରାୟ ୭୦%ରୁ ଅଧିକ ବୋୟସ୍କ ବ୍ୟକ୍ତି ଆର୍ଥିକ ସ୍ୱାଧୀନତା ହରାଇ ଅନ୍ୟମାନଙ୍କ (ବିଶେଷ କରି ସନ୍ତାନମାନଙ୍କ) ଉପରେ ନିର୍ଭରଶୀଳ। ସହରୀକରଣ ଓ ପରିବାର ବିଭାଜନ ଯୋଗୁଁ ଯୌଥ ପରିବାର ଭାଙ୍ଗି ଏକକ ପରିବାର ବୃଦ୍ଧି ପାଉଛି। ଫଳରେ ପିଲାମାନେ ଚାକିରି ପାଇଁ ବାହାରକୁ ଚାଲିଯାଉଛନ୍ତି ଏବଂ ବାପା-ମା' ଏକାକୀପଣ ଓ ଅବହେଳାର ଶିକାର ହେଉଛନ୍ତି। ଅବସାଦ (Depression), ନିଃସଙ୍ଗତା ଓ ସ୍ମୃତିଭ୍ରଂଶ ଭଳି ସମସ୍ୟା ଭାରତୀୟ ବୟସ୍କଙ୍କ ମଧ୍ୟରେ ଦ୍ରୁତ ଗତିରେ ବଢୁଛି, ଯାହା ପ୍ରତି ସାମାଜିକ ସଚେତନତା ଅତି କମ୍। ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ପାଖରେ ପେନ୍‌ସନ୍ କିମ୍ବା କୌଣସି ସାମାଜିକ ସୁରକ୍ଷା ନଥାଏ। ଦୀର୍ଘଦିନର ଚିକିତ୍ସା ଓ ଔଷଧ ଖର୍ଚ୍ଚ ଗରିବ ଓ ମଧ୍ୟବିତ୍ତ ପରିବାରଗୁଡ଼ିକ ପାଇଁ ବଡ଼ ବୋଝ ହୋଇଥାଏ। ଭାରତର ଗ୍ରାମାଞ୍ଚଳରେ ବିଶେଷଜ୍ଞ ଡାକ୍ତର ଓ ସୁବିଧାର ଅଭାବ ରହିଛି। ବର୍ତ୍ତମାନ ଅଟଳ ପେନଶନ ଯୋଜନା, ଆୟୁଷ୍ମାନ ଭାରତ ବୟୋବନ୍ଦନା ସ୍ୱାସ୍ଥ୍ୟ ବୀମା ଭଳିଆ କିଛି କିଛି ସରକାରୀ କାର୍ଯ୍ୟକ୍ରମ ବୃଦ୍ଧ ଅବସ୍ଥାର ସାମାଜିକ ଓ ଶାରୀରିକ ସୁରକ୍ଷା ପାଇଁ ଅତି ଆବଶ୍ୟକ, ମାତ୍ର ମାନସିକ ସୁରକ୍ଷା ପ୍ରତିଟି ପରିବାରର ଦାୟିତ୍ୱ, ବୃଦ୍ଧ ଅବସ୍ଥ ଏକ ଭୋଜ ନୁହଁ ବରଂ ଏହା ଅଭିଜ୍ଞତାର ଏକ ସିଂଧୁକ ବୋଲି ବିଚାର କରିବା କଥା। ବୟସ୍କ ଲୋକ ମାନେ ବି ଆଜି କାଲି ଷାଠିଏ ବର୍ଷର ହେଇଗଲେ ଘରେ ବସି ଯିବାଟା ଉଚିତ ନୁହଁ, ନିଜକୁ ଆର୍ଥିକ ଓ ସାମାଜିକ ଭାବେ ସଚଳ ରଖିବା ତାଙ୍କର ସ୍ୱ-କର୍ତ୍ତବ୍ୟ, ବଦଳୁଥିବା ସମୟ ସହ ତାଳ ଦେଇ ଚାଲିବା ହେଉଛି ବୁଦ୍ଧିମତାର ପରିଚୟ। ବୟସ ବୃଦ୍ଧି ସହିତ ଶରୀରର ରୋଗ ପ୍ରତିରୋଧକ ଶକ୍ତି (Immunity) ହ୍ରାସ ପାଇଥାଏ, ଯାହା ଫଳରେ ବୟସ୍କ ବ୍ୟକ୍ତିମାନେ ବିଭିନ୍ନ ସଂକ୍ରାମକ ରୋଗର ଶିକାର ହୁଅନ୍ତି। ଭାରତରେ ବରିଷ୍ଠ ନାଗରିକଙ୍କ (୬୦ ବର୍ଷ ବା ତା'ଠାରୁ ଅଧିକ) ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ନିମ୍ନଲିଖିତ ମୁଖ୍ୟ ଟିକାଗୁଡ଼ିକ ନେବା ଉଚିତ:୧. ଇନ୍‌ଫ୍ଲୁଏଞ୍ଜା ଟିକା- ଋତୁକାଳୀନ ଫ୍ଲୁ, କାଶ, ସର୍ଦ୍ଦି, ଏବଂ ଜ୍ୱରଜନିତ ଜଟିଳତାକୁ ରୋକିବା ପାଇଁ। ୨. ନ୍ୟୁମୋକୋକାଲ୍ ଟିକା- ବୟସ୍କଙ୍କଠାରେ ଦେଖାଯାଉଥିବା ଗୁରୁତର ଫୁସଫୁସ ସଂକ୍ରମଣ (Pneumonia) ଏବଂ ରକ୍ତ ସଂକ୍ରମଣରୁ ରକ୍ଷା କରେ। ୩. ସିଙ୍ଗଲ୍ସ / ଜୋଷ୍ଟର ଟିକା- ହର୍ପିସ୍ ଜୋଷ୍ଟର ଯୋଗୁଁ ହେଉଥିବା ଯନ୍ତ୍ରଣାଦାୟକ ଚର୍ମ ରୋଗ (Shingles) ଏବଂ ସ୍ନାୟୁ ଯନ୍ତ୍ରଣାରୁ ବଞ୍ଚାଇଥାଏ। ୪. ହେପାଟାଇଟିସ୍ B ଏବଂ କୋଭିଡ୍-୧୯ ବୁଷ୍ଟର- ଯକୃତ ସଂକ୍ରମଣ ଏବଂ କୋଭିଡ୍ ଭୂତାଣୁଜନିତ ସମସ୍ୟାରୁ ବୃଦ୍ଧବୃଦ୍ଧାଙ୍କୁ ସୁରକ୍ଷିତ ରଖେ। ବୟସ୍କ ବ୍ୟକ୍ତିମାନେ ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ ସେବନ କରିବା ଉଚିତ୍ ନୁହେଁ। ପରିବାରର ସଦସ୍ୟମାନେ ସେମାନଙ୍କ ପ୍ରତି ସ୍ନେହ, ଆଦର ଓ ଧୈର୍ଯ୍ୟ ଦେଖାଇବା ସବୁଠାରୁ ବଡ଼ ଔଷଧ।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

## ଅତି ଜ୍ଞାନ ହିଁ ଅଜ୍ଞାନର କାରଣ

ଶ୍ରଦ୍ଧେୟ ଭକ୍ତଗଣ କଥାରେ ଅଛି ଶ୍ରଦ୍ଧାବାନ ଲଭେତ୍ ଜ୍ଞାନ,କିନ୍ତୁ ପୁଣି କଥାରେ ଅଛି ଅତି ଲେମ୍ବୁ ଚିପୁଡ଼ିଲେ ପିତା ରାବଣ ଅତି ଜ୍ଞାନୀ ପରିଶେଷରେ କଣ ହେଲା । ବଳି ଅତି ଦାନୀ ପରିଶେଷରେ ପାତାଳକୁ ଗଲା ଦୁର୍ଯ୍ୟୋଧନ ଅତି ମାନି-ଯାହାର ନାମ ଥିଲା ମାନ ଗୋବିନ୍ଦ । ପରିଶେଷରେ କଣ ହେଲା ସେହିପରି ଅତିଟା ସବୁବେଳେ ଖରାପ । ସମନ୍ୱୟ ସମତା, ସମଭାବ ଯଦି ନାହିଁ ସେ ଯେତେ ଜ୍ଞାନ ଅହରଣ କରିଥିଲେ ବି ମୂର୍ଖଙ୍କ ପରି ବ୍ୟବହାର ତାର ଅଜ୍ଞାନତାର ପରିଚୟ ଦେଇଥାଏ। ତେଣୁ ହେ ଭକ୍ତ ହେ ଶିଷ୍ୟ ସମାଜରେ ଗ୍ୟାନି କିଏ ?ପ୍ରକୃତ ଜ୍ଞାନୀ ସିଏ ଯିଏ ନିଜକୁ ପ୍ରଭୁଙ୍କ ପାଦ ତଳେ ସମର୍ପଣ କରିଦେଇଥାଏ। ସମର୍ପଣ ଭାବହିଁ ଜ୍ଞାନ ଆଉ ସବୁ ଅଜ୍ଞାନ । କାରଣ ଯିଏ ଭାତ ଖାଇଛି ସିଏ କୁଣ୍ଡାକୁ କାହିଁକି ଖୋଜିବା। ତେଣୁ ଭଗବାନଙ୍କୁ ଉଦ୍ଧବ ପଚାରିଥିଲେ ପ୍ରଭୁ ତୁମେ ତ ଚାଲିଯିବ। ମୁଁ କେମିତି ପୁଣି ପାଇବି। କାରଣ ଉଦ୍ଧବ ଥିଲେ ଶ୍ରେଷ୍ଠ ଜ୍ଞାନୀ। ସେଇଠି ପ୍ରଭୁ କହିଥିଲେ ରେ ଉଦ୍ଧବ ମୁଁ ମଲେ ମୋତେ ତୁ ପାଇବୁ। ହରିଓଁ।

## ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୭୬୧୯୪

# କ୍ଷେପଣାସ୍ତ୍ର

ଭାରତ ଓ ପାକିସ୍ଥାନ – ଉଭୟ ଦେଶ ପାଖରେ ଆଣବିକ ଅସ୍ତ୍ର ରହିଛି । ଉଭୟ ଦେଶ ମଝିରେ ମଝିରେ ପରସ୍ପରକୁ ପରୋକ୍ଷରେ କହନ୍ତି – ଜାଣିଥା ମୋ ପାଖରେ ଆଣବିକ ଅସ୍ତ୍ର ଅଛି । ମଣି, ଉଡ଼େଇ ଦେବି। ହେଲେ ସତରେ ଯଦି କେବେ ଦୁଇ ଦେଶ ଭିତରେ ଆଣବିକ ଯୁଦ୍ଧ ହୁଏ, ତେବେ ଚିତ୍ରଟି କେମିତି ହେବ ? ପଢ଼ନ୍ତୁ । ପାକିସ୍ଥାନ ସେନାବାହିନୀ ଠିକ୍ କଲେ ଯେ ସେମାନେ ଭାରତ ଉପରକୁ ଗୋଟେ ଆଣବିକ କ୍ଷେପଣାସ୍ତ୍ର ଛାଡ଼ିବେ । ପାକିସ୍ଥାନର ସେନାବାହିନୀ, ତେଣୁ ସେମାନଙ୍କର ଆଉ ସେମାନଙ୍କ ସରକାରଙ୍କଠୁଁ ଅନୁମତି ନେବାର ଦରକାର ନାହିଁ । ସେମାନେ କାଉଣ୍ଟଡାଉନ ଆରମ୍ଭ କରିବାର ନିର୍ଦ୍ଦେଶ ଦେଇଦେଲେ । ଭାରତର ପ୍ରଯୁକ୍ତିବିଦ୍ୟା ତ ଭାରି ଆଗୁଆ । ଆଠ ସେକେଣ୍ଡ ଭିତରେ ଭାରତୀୟ ସେନାବାହିନୀ ଏକଥା ଜାଣିଗଲେ ଆଉ ଏହାର ଜବାବରେ ଗୋଟେ କ୍ଷେପଣାସ୍ତ୍ର ଛାଡ଼ିବାକୁ ଠିକ୍ କଲେ । କିନ୍ତୁ ଭାରତୀୟ ସେନାବାହିନୀକୁ ତ ସରକାରଙ୍କଠୁଁ ଅନୁମତି ଲୋଡ଼ା । ସେମାନେ ଭାରତର ରାଷ୍ଟ୍ରପତିଙ୍କଠୁଁ ଏହାର ଅନୁମତି ମାଗିଲେ । ରାଷ୍ଟ୍ରପତି ଏ ଅନୁରୋଧକୁ ମନ୍ତ୍ରୀମଣ୍ଡଳକୁ ପଠାଇଲେ।

ପ୍ରଧାନମନ୍ତ୍ରୀ ଲୋକସଭାର ଏକ ଜରୁରୀ ଅଧିବେଶନ ଆହ୍ୱାନ କଲେ । ଲୋକସଭା ବସିଲା । କିନ୍ତୁ ବହୁ ସଭ୍ୟଙ୍କ ପାଟିତୁଣ୍ଡ, କକ୍ଷତ୍ୟାଗ ଯୋଗୁଁ ଲୋକସଭା ଅନିର୍ଦ୍ଦିଷ୍ଟ କାଳଯାଏଁ ମୁଲତବି ହୋଇଗଲା । ଇତିମଧ୍ୟରେ ପାକିସ୍ଥାନର କ୍ଷେପଣାସ୍ତ୍ର ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଉଡ଼ିପାରିଲାନି। ସେମାନେ ଯନ୍ତ୍ରପାତି ସଜଡ଼ାସଜଡ଼ିରେ ଲାଗିଲେ । ଠିକ୍ ଏତିକିବେଳେ ଭାରତର ଶାସକଦଳକୁ ବାହାରୁ ସମର୍ଥନ ଦେଉଥିବା କେତୋଟି ଛୋଟ ଦଳ ସେମାନଙ୍କ ସମର୍ଥନ ପ୍ରତ୍ୟାହାର କରିନେବାରୁ ଶାସକଦଳ ଲୋକସଭାରେ ସଂଖ୍ୟା ଗରିଷ୍ଠତା ହରେଇଲେ । ରାଷ୍ଟ୍ରପତି ଶାସକଦଳକୁ ଲୋକସଭାରେ ବହୁମତ ସିଦ୍ଧ କରିବାକୁ କହିଲେ । ତାହା ହୋଇପାରିଲାନି । ସରକାର ଭାଙ୍ଗିଗଲା। କାମଚଳା ସରକାର ଶାସନ ଗ୍ରହଣ କଲେ । କାମଚଳା ପ୍ରଧାନମନ୍ତ୍ରୀ ସେନାବାହିନୀକୁ କ୍ଷେପଣାସ୍ତ୍ର ଛାଡ଼ିବାର ଅନୁମତି ଦେବାର ନିଷ୍ପତ୍ତି ନେଲେ । କିନ୍ତୁ ନିର୍ବାଚନ କମିସନ କହିଲେ କାମଚଳା ସରକାର ଏପରି କରିବାର ଅଧିକାର ନାହିଁ, କାରଣ ନିର୍ବାଚନ ପାଖେଇ ଆସିଲାଣି । ଇଆଡ଼େ ନିର୍ବାଚନ କମିସନ ତାଙ୍କ କ୍ଷମତା ଲଂଘନ କରିଛନ୍ତି ବୋଲି ଅଭିଯୋଗ କରି ଗୋଟେ ଜନସ୍ୱାର୍ଥ ମକଦ୍ଦମା ରୁଜୁ ହୋଇଗଲା ।

ସୁପ୍ରିମକୋର୍ଟ ରାୟ ଦେଲେ ଯେ ଦେଶର ସ୍ୱାର୍ଥ ଦୃଷ୍ଟିରୁ ଏହି ବିଶେଷ ପରିସ୍ଥିତିରେ କାମଚଳା ପ୍ରଧାନମନ୍ତ୍ରୀ ଏ ନିଷ୍ପତ୍ତି ନେଇପାରିବେ। ଠିକ ସେତିକିବେଳେ ପାକିସ୍ଥାନର କ୍ଷେପଣାସ୍ତ୍ରଟି ଉଡ଼ିଲା। ହେଲେ ତାହା ଲକ୍ଷ୍ୟସ୍ଥଳରୁ ୩୬୭ କିଲୋମିଟର ଦୂରରେ ତାଙ୍କରି ସରକାରଙ୍କ ଏକ କୋଠା ଉପରେ ପଡ଼ିଲା । ସେତେବେଳେ ଦିନ ଏଗାରଟା । ସୌଭାଗ୍ୟବଶତଃ ଏହାଦ୍ୱାରା କେହି ମୃତାହତ ହେଲେ ନାହିଁ କାରଣ ସେତେବେଳକୁ କେହି କାର୍ଯ୍ୟାଳୟକୁ ଆସିନଥିଲେ । କ୍ଷେପଣାସ୍ତ୍ରର ଆଣବିକ ୱାରହେଡ୍‌ଟି ଅବଶ୍ୟ ବାଟରେହିଁ କେଉଁଠି ପଡ଼ିଯାଇଥିଲା ।

ପାକିସ୍ଥାନୀ ସେନାବାହିନୀ ଏବେ ଚୀନରୁ ଉନ୍ନତମାନର କାରିଗରୀ ଜ୍ଞାନ ଆଣିବାର ଚେଷ୍ଟାରେ ମାତିଲେ । ହେଲେ ଭାରତ ସରକାର କୌଣସି ପ୍ରକାର ରିସ୍କ୍ ନେବାକୁ ଚାହିଁଲେନି, ସେମାନେ ନିଜର କ୍ଷେପଣାସ୍ତ୍ର କ୍ଷେପଣ କରିବାକୁ ଚାହିଁଲେ । ଏଥିପାଇଁ ଗୋଟେ ସର୍ବଦଳୀୟ ବୈଠକ ଡକାଗଲା । ଏ ବୈଠକରେ ଅବଶେଷରେ ସବୁ ଦଳ କ୍ଷେପଣାସ୍ତ୍ର ଛାଡ଼ିବାକୁ ରାଜି ହେଲେ ।

ଏହା ଭିତରେ ତିନିମାସ ଗଡ଼ିଯାଇଛି । ହେଲେ ଏଥର କ୍ଷେପଣାସ୍ତ୍ର ପ୍ରକ୍ଷେପଣର ପ୍ରସ୍ତୁତି ଆରମ୍ଭ ହେଲା ମାତ୍ରେ ମାନବିକ ଅଧିକାର ନେଇ କାମ କରୁଥିବା ସ୍ୱେଚ୍ଛାସେବୀ ସଙ୍ଗଠନ ଗୁଡ଼ିକ ଆଉ ଆଣବିକ ଅସ୍ତ୍ର ବିରୋଧୀ ଗୋଷ୍ଠୀଗୁଡ଼ିକ ସକ୍ରିୟ ହୋଇଉଠିଲେ । ସେମାନେ ସରକାରଙ୍କ ଏ ନିଷ୍ପତ୍ତିକୁ ବିରୋଧ କରିବାକୁ ଲାଗିଲେ । ବିଭିନ୍ନ ସ୍ଥାନରେ ଧର୍ମଘଟ ଆଉ ରାସ୍ତା ରୋକୋ ହେବାକୁ ଲାଗିଲା । କାଲିଫର୍ଣ୍ଣିଆ ଆଉ ୱାଶିଂଟନ୍‌ରୁ ବହୁ ଭାରତୀୟଙ୍କ ପାଖକୁ ଇ-ମେଲ୍ ଆସିବାକୁ ଲାଗିଲା । ପାକିସ୍ଥାନରେ ଏବେବି କ୍ଷେପଣାସ୍ତ୍ରଗୁଡ଼ାକ ଠିକ୍ ଭାବରେ କାମ କରୁନଥିଲେ । କେତେକ କ୍ଷେପଣାସ୍ତ୍ର ଲକ୍ଷ୍ୟଭ୍ରଷ୍ଟ ହୋଇ ଭାରତ ମହାସାଗରରେ ଯାଇ ପଡ଼ିଲା । ଏହାଦ୍ୱାରା କିଛି ମାଛ ଆଉ ଅନ୍ୟାନ୍ୟ ସାମୁଦ୍ରିକ ପ୍ରାଣୀ ପ୍ରାଣ ହରେଇଲେ ।

ତାପରେ ସେମାନେ ଆମେରିକାରୁ ଚୋରେଇ ଅଣାହୋଇଥିବା ଗୋଟେ କ୍ଷେପଣାସ୍ତ୍ର ଛାଡ଼ିଲେ । ହେଲେ ଯେହେତୁ ସେମାନେ ଏହାର କାରିଗରୀ ଜ୍ଞାନ ବିଷୟରେ ଭଲ କରି ଜାଣିନଥିଲେ, କ୍ଷେପଣାସ୍ତ୍ରଟି ଯାଇ ପଡ଼ିଲା ରୁଷିଆରେ ।

ରୁଷିଆ କ୍ଷେପଣାସ୍ତ୍ର ଛଡ଼ା ହୋଇଥିବା କଥା ଜାଣିପାରି ଜବାବରେ ଗୋଟେ କ୍ଷେପଣାସ୍ତ୍ର ଛାଡ଼ିଲେ । ତାହା ଯାଇ ଇସଲାମାବାଦରେ ପଡ଼ିଲା, ଆଉ ବହୁ କ୍ଷତି ଘଟେଇଲା ।

ପାକିସ୍ଥାନ ସାହାଯ୍ୟ ପାଇଁ ଆବେଦନ କଲା । ଭାରତ ପାକିସ୍ଥାନର ଏ ଦୁରାବସ୍ଥାବେଳେ ସାହାଯ୍ୟ କରିବା ପାଇଁ ସ୍ଥିର କଲା, ଆଉ ଦଶ ଲକ୍ଷ ଡଲାର ମୂଲ୍ୟର ପାର୍ଲେ-ଜି ବିସ୍କୁଟ ପଠାଇଲା ।

ଏହିପରି ଭାବେ ଭାରତ କେବେ ତାର କ୍ଷେପଣାସ୍ତ୍ର ପ୍ରକ୍ଷେପଣ କରି ପାରେନି। ପାକିସ୍ଥାନର କ୍ଷେପଣାସ୍ତ୍ର କେବେ ଠିକ୍ ଭାବରେ ପ୍ରକ୍ଷେପିତ ହୋଇ ପାରେନି ଏବଂ ଦୁଇ ପଡ଼ୋଶୀ ଦେଶ ଶାନ୍ତିରେ ରହନ୍ତି ।

(ମୋର ଜଣେ ଗୁଣଗ୍ରାହୀ ଇଣ୍ଟରନେଟ୍ ମାଧ୍ୟମରେ ମୋତେ ଏ ଲେଖାଟିକୁ ପଠାଇଥିଲେ । ମୂଳ ଲେଖାଟି ଥିଲା ଇଂରାଜୀରେ । ମୁଁ ତାକୁ ଓଡ଼ିଆରେ ଅନୁବାଦ କରିଛି ।)

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୧୦୨

## କର୍ଣ୍ଣ ଓ କୁନ୍ତୀଙ୍କର ମିଳନ-୨



ସକାଳ । ଗଙ୍ଗା କୂଳ ଉଦ୍ଦେଶ୍ୟରେ ସେ ବାହାରିଲେ । ଗଙ୍ଗା ଜଳରେ ପ୍ରବେଶ କରି କର୍ଣ୍ଣ ସୂର୍ଯ୍ୟଦେବଙ୍କୁ ପ୍ରାର୍ଥନା କରେ ।

ସେ ପହଞ୍ଚିଗଲେ ଗଙ୍ଗା ଘାଟରେ ।

ପୂର୍ବ ଦିଗକୁ ମୁହଁକରି କର୍ଣ୍ଣ ଠିଆ ହୋଇଛନ୍ତି । ଦୁଇହାତ ଉପରକୁ ଟେକି ସୂର୍ଯ୍ୟଙ୍କୁ ପ୍ରାର୍ଥନା କରୁଛି । ଚାରିପଟେ କ'ଣ ଘଟୁଛି, କିଏ ଅଛି ସେଆଡକୁ ତାଙ୍କର ନଜର ନାହିଁ । ଯେତେବେଳେ ପିଠିକୁ ସୂର୍ଯ୍ୟକିରଣ ପୋଡ଼ିପକେଇଲା, ପ୍ରାର୍ଥନା ଭାଙ୍ଗିଲା କର୍ଣ୍ଣଙ୍କର । ସେ ବୁଲିପଡ଼ିଲା ଓ ଦେଖିଲା କୁନ୍ତୀଙ୍କୁ ।

ରାଣୀ କୁନ୍ତୀ । ରାଜା ପାଣ୍ଡୁଙ୍କର ବିଧବା ପତ୍ନୀ । ଏବଂ ପାଣ୍ଡବମାନଙ୍କର ମାଆ । ତାଙ୍କୁ ହଠାତ୍ ଦେଖି କର୍ଣ୍ଣଙ୍କର ଆଶ୍ଚର୍ଯ୍ୟ ଓ ଦ୍ୱନ୍ଦ୍ୱର ସୀମା ନାହିଁ । କାହିଁକି ସେ ଆସିଛନ୍ତି ?

"ମୁଁ ରଥଚାଳକ ଅଧିରଥଙ୍କ ପୁଅ । ମୋ ମାଆ ରାଧାଦେବୀ । ରାଣୀ ମହାଶୟା ! ମୁଁ ତୁମପାଇଁ କ'ଣ କରିପାରିବି କୁହନ୍ତୁ !"– କହିଲେ କର୍ଣ୍ଣ ।

କୁନ୍ତୀ କହିଲେ, "କର୍ଣ୍ଣ ! ତୁ ରାଧାଦେବୀଙ୍କର ପୁଅ ନୋହୁଁ କି ଅଧିରଥ ତୋର ବାପା ନୁହଁନ୍ତି । ତୋର ବାପା ହେଉଛନ୍ତି ସୂର୍ଯ୍ୟଦେବ ଓ ମାଆ ପୃଥା । ପୃଥାଙ୍କର ଅନ୍ୟ ନାମ କୁନ୍ତୀ । ମୁଁ ତୋର ମାଆ । ଏତିକି କହି କର୍ଣ୍ଣଙ୍କ ଜନ୍ମରହସ୍ୟ ବର୍ଣ୍ଣନା କଲେ କୁନ୍ତୀ ।

କର୍ଣ୍ଣଙ୍କର ଆଶ୍ଚର୍ଯ୍ୟଚକିତ ଚାହାଣି ।

କୁନ୍ତୀ ପୁଣି କହିଲେ, "ପୁଅ, ତୋର ଜନ୍ମ ସମୟରୁ ତୁ ଦିବ୍ୟ କବଚ କୁଣ୍ଡଳ ଧାରଣକରିଛୁ । ତୁ ଜାଣିନାହୁଁ, ପାଣ୍ଡବମାନେ ତୋ ଭାଇ । ସେଥିପାଇଁ ଦୁର୍ଯ୍ୟୋଧନକୁ ତୁ ସମର୍ଥନ କରୁଛୁ । ପୁଅରେ, ତୋ ପାଖରେ ମୁଁ ଅଳି କରୁଛି, ତୁ ତୋର ପାଞ୍ଚଭାଇଙ୍କ ସଙ୍ଗରେ ମିଶିଯା ! ଜଗତରେ ତୁମେ ଶ୍ରେଷ୍ଠ ହୋଇଉଠିବ । ଅର୍ଜୁନ ଓ ତୁ ମିଶିଗଲେ ଜଗତରେ କିଏ ତୁମର ଗତିରୋଧ କରିପାରିବ ? ବଳରାମ ଓ କୃଷ୍ଣଙ୍କ ପରି ତୁମେ ଦୁଇଭାଇ ପ୍ରସିଦ୍ଧ ହୋଇଉଠିବ । ମୁଁ ତୋର ମାଆ କହୁଚି, ମୋ କଥା ରଖିବୁ ।"

କୁନ୍ତୀ ଏହିପରି କହୁଥିବା ବେଳେ କର୍ଣ୍ଣ ଚାହିଁଥିଲେ ସୂର୍ଯ୍ୟଙ୍କୁ । ତାଙ୍କୁ ଲାଗୁଥିଲା, ତାର ପିତା ସୂର୍ଯ୍ୟ ତାକୁ ପରୀକ୍ଷା କରିବା ପାଇଁ କୁନ୍ତୀଙ୍କୁ ପଠେଇଛନ୍ତି ।

ହେ ପିତା ! କାହିଁକି ମୋତେ ଦ୍ୱନ୍ଦ୍ୱରେ ପକେଇଲ ! ମାତୃସ୍ନେହ ନିକଟରେ କ'ଣ ମୁଁ ହାରିଯିବି ! ପରମୁହୂର୍ତ୍ତରେ କର୍ଣ୍ଣ ନିଜର ମାନସିକ ଶକ୍ତି ସଂଗ୍ରହକଲେ ।

ଦୁଃଖ ଅଥଚ ଦୃଢଭାବେ ସେ କହିଲେ, "ମାଆ ମୋର, ତୁମେ ଧର୍ମର ବିପରୀତ କଥା କହୁଛ । ଗୋଟିଏ ଅସହାୟ ଶିଶୁକୁ ତୁମେ ନଦୀକୁ ଫିଙ୍ଗିଦେଲ । ମାତୃ ସ୍ନେହରୁ ମୋତେ ବଞ୍ଚିତ କରିଛ । ବର୍ତ୍ତମାନ ନିଜର ସନ୍ତାନମାନଙ୍କ ମଙ୍ଗଳ କଥା କେବଳ ଚିନ୍ତା କରୁଛ । ମାଆ ! ମୁଁ ଏବେ ଯଦି ପାଣ୍ଡବଙ୍କ ପକ୍ଷରେ ଯୋଗଦିଏ, ଦୁନିଆ କହିବ ମୁଁ ଡରିଗଲି । ଧୃତରାଷ୍ଟ୍ରଙ୍କ ପୁଅଙ୍କର ମୁଁ ଲୁଣ ଖାଇଛି । ସମସ୍ତ ସୁବିଧା ପାଇଛି । ଦୁନିଆ ଆଗରେ ମୋତେ ବୀର ଭାବେ ପରିଚୟ ମିଳିଛି । ବର୍ତ୍ତମାନ ତୁମେ କହୁଚ ମୁଁ ପାଣ୍ଡବଙ୍କ ପକ୍ଷରେ ଯୋଗଦେବି । କେମିତି ? ମୁଁ ଯୁଦ୍ଧ ପାଇଁ ସେମାନଙ୍କୁ ବାଧ୍ୟ କରିଛି । ଯୁଦ୍ଧରେ ଜିତିବା ପାଇଁ ମୋ ଉପରେ ସେମାନେ ନିର୍ଭର କରୁଛନ୍ତି । ଯେତେବେଳେ ଯୁଦ୍ଧ ଆରମ୍ଭ ହେବାକୁ ଯାଉଛି, ତୁମେ କହୁଛ ମୁଁ ସେମାନଙ୍କୁ ତ୍ୟାଗ କରିବି ! କେମିତି ତ୍ୟାଗ କରିବି ସେମାନଙ୍କୁ ? ଦୁନିଆ ମୋତେ ଅକୃତଜ୍ଞ କହିବନି ? ପ୍ରିୟ ମାଆ ! ପରିସ୍ଥିତି ଯାହାହେଉ, ମୁଁ ସେମାନଙ୍କ ଋଣ ଶୁଝିବି, ଜୀବନ ଚାଲିଯାଉ ପଛେ । ନୋହିଲେ ଦୁନିଆ ମୋତେ ଚୋରଟିଏର ଆଖ୍ୟାଦେବ, ଯେକି ଏତେ ଦିନଧରି ସେମାନଙ୍କ ଉପରେ ଆଶ୍ରା କରି ବଞ୍ଚିଛି ।

"ମାଆ ! ଯୁଦ୍ଧ ପାଖେଇ ଆସୁଛି । ମୁଁ ମୋର ସମସ୍ତ ଶକ୍ତି ପ୍ରଦର୍ଶନ କରିବି ତୁମ ପୁଅମାନଙ୍କ ବିରୁଦ୍ଧରେ । ତୁମକୁ ମିଛ ପ୍ରତିଶ୍ରୁତି ଦେଇ ତୁମକୁ ଠକି ପାରିବିନାହିଁ । ମୋତେ କ୍ଷମା କରିଦିଅ ମାଆ ! (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ଶରତ ଲକ୍ଷଣ ଢାଙ୍କି ହେଉଛି

*କୀର୍ତ୍ତନ ସାହୁ*



ଜଳ ନିରିମଳ କେମିତି ହୋଇବ
ଏମିତି ବରଷା ହେଲେ
କେମିତି ଆକାଶ ଶାନ୍ତ ପଡ଼ିବ
ଘଡଘଡି ମାରୁଥିଲେ ।

କାଶତଣ୍ଡି ଫୁଲ ଫୁଟୁଅଛି ହେଲେ
ପରିବେଶ ଭଲ ନାହିଁ
ବାଟୋଇ ଭାଇଟି ଚାଲି ଯାଉ ଯାଉ
ଅଟକି ରହୁଛି କାହିଁ !

ରାତିର ଆକାଶ ସୁନ୍ଦର ଦିଶୁନି
ମେଘ ଢାଙ୍କୁଅଛି ବୋଲି
ତାରା ମେଳେ ଜହ୍ନ ଜୋଛନା ଢାଳୁନି
ମନ ଖୋଲା ହସ ଖୋଲି ।

ଶରତ ଋତୁଟି ଚାଲି ଅଛି ହେଲେ
ବରଷା ଛାଡୁଛି କାହିଁ
ନଈ ନାଳ କୂଅ ପୋଖରୀ ପୂରିଛି
ବରଷାର ଧାର ଯାଇ ।

ରାସ୍ତା ଘାଟ ସବୁ ପାଣି ପଚ ପଚ
ଶୁଖିଲା ହୋଇବ କେବେ
ବରଷାତି ଛତା ଧରିବାକୁ ହୁଏ
ବାହାରକୁ ଯାଉ ଯେବେ ।

ଶରତ ଲକ୍ଷଣ ଢାଙ୍କି ହେଉଅଛି
ନିଇତି ବରଷା ଝରି
ସୁନ୍ଦର ରୂପକୁ ଦେଖି ହେଉ ନାହିଁ
ଏ ବେଳରେ ମନ ଭରି ।

*ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*



# ଜାତିର ପିତା ମହାତ୍ମା ଗାନ୍ଧୀ

*ପ୍ରଫୁଲ୍ଲ କୁମାର ସାହୁ*



ଚନ୍ଦା ମୁଣ୍ଡ ହାତେ ବାଉଁଶ ବାଡ଼ି,
ସମୟକୁ ଜଗି କାମ କରୁଥିଲେ
ଅଣ୍ଟାରେ ତାଙ୍କର ଥିଲାଟି ଘଡି ।୧।

ଜନମ ଭୂମିର ମୁକତି ପାଇଁ,
ଦେଶବାସୀଙ୍କୁ ସେ ବୁଝାଉଥିଲେଟି
ଆସରେ ଲଢ଼ିବା ଏକାଠି ହୋଇ ।୨।

କାଶ୍ମୀର ଠାରୁ ଯେ କନ୍ୟାକୁମାରୀ,
ସ୍ୱାଧୀନତା ପାଇଁ ଘୁରି ବୁଲୁଥିଲେ
ମନରେ ଅସୀମ ସାହସ ଧରି ।୩।

ସତ୍ୟ ଅହିଂସାର ଥିଲେ ପୂଜାରୀ,
ଆନ୍ଦୋଳନ ପାଇଁ ମନେ ଥିଲା ଦମ୍ଭ
ଗୁଳି ବନ୍ଧୁକକୁ ନଥିଲେ ଡରି ।୪।

ଆଧ୍ୟାତ୍ମିକ ପଥେ ସାଜି ପଥିକ,
ଇଂରେଜ ବିରୁଦ୍ଧେ ଲଢେଇ କରି ସେ
ସହିଥିଲେ ନିଜେ କ୍ଲେଶ ଅନେକ ।୫।

ଭାରତବାସୀଙ୍କ ଦେଖି ଏକତା,
ଇଂରେଜ ଶାସକ ଦେଶ ଛାଡ଼ି ଗଲେ
ମିଳିଥିଲା ଆମକୁ ସ୍ୱାଧୀନତା ।୬।

ନାମଟି ତାଙ୍କର ମହାତ୍ମା ଗାନ୍ଧୀ,
ଗୋରା ଶାସକଙ୍କୁ ହଟାଇବା ପାଇଁ
ନିଜେ କରିଥିଲେ ଅନେକ ଫନ୍ଦି ।୭।

ଦେଶବାସୀଙ୍କର ହେଲା ବିଜୟ,
ଭାରତ ପିନ୍ଧିଲା ସ୍ୱାଧୀନ ମୁକୁଟ
ପରାଧିନତାର ହେଲା ବିଲୟ ।୮।

*ପ୍ରଧାନ ଶିକ୍ଷକ, ଶକ୍ତି ବିହାର/*
*ବାଲିପଡ଼ା, ମାହାଙ୍ଗା, କଟକ*
*ମୋ- ୭୬୦୯୦୪୪୩୮୩*

# ଆସେ ଅକ୍ଟୋବର ଦୁଇ

*ନୀଳମଣି ଚାନ୍ଦ*

ଆସେ ଅକ୍ଟୋବର ଦୁଇ
ଏ ଶୁଭ ଦିନରେ ଜନମି ଥିଲେରେ
ବଡ଼ ମଣିଷ ଯେ ଦୁଇ ।
ଜଣେ ତ 'ମହାତ୍ମା' ହେଲେ
ସିଏ ଶାନ୍ତିଦୂତ, ବିଶ୍ୱବନ୍ଦିତ
ସ୍ୱାଧୀନତା ଆଣି ଦେଲେ ।
ପୋରବନ୍ଦରରେ ଘର
ଇଂରେଜ ଶାସକ ପାଇଁଟି ମନରେ
ନଥିଲା ତିଳେ ବି ଡର ।
'ଜୟ ଜଓ୍ୱାନ'ଟି ପାଇଁ
ଆଉ ତ ଜଣେରେ ଅମର ହୋଇଲେ
ଜମା ଭୁଲି ହୁଏ ନାହିଁ ।
ଲାଲବାହାଦୂର ସିଏ
ଥିଲେ ଭାରତର ପ୍ରଧାନମନ୍ତ୍ରୀ ସେ
କୁହରେ ଜାଣେନି କି କିଏ ?
ଭାରତ ମାତାର ପାଇଁ
ତାଙ୍କ ଅବଦାନ ସ୍ୱର୍ଣ୍ଣାକ୍ଷରେ ଲେଖା
ଜମା ଭୁଲିହୁଏ ନାହିଁ ।
ଦୁହେଁ ତ ମହାନ ଥିଲେ
ଭାରତ-ପ୍ରଦୀପ ସିଏ ଗାନ୍ଧୀ, ଶାସ୍ତ୍ରୀ
ତାଙ୍କ ପରି ହୁଅ ପିଲେ ।

*ମନ୍ତ୍ର ମାନୋର, ଗୋଠପାଟଣା*
*ମୋ-୯୫୮୩୨୦୨୩୫୭*





# ସିଏ ଜାତୀୟ ପିତା ଆମର

*ସୁଜିତ କୁମାର ମିଶ୍ର*

ସତ୍ୟ ଅହିଂସା ଦୁଇଟି ଅସ୍ତ୍ର
ଧାରଣ କରିଥିଲେ,
ଦେଶକୁ ଦିନେ ପରାଧୀନରୁ
ମୁକତି ସିଏ ଦେଲେ ।

ପିନ୍ଧିଲେ ନିତି ଖଦି ପୋଷାକ
ଦେଇ ସ୍ୱରାଜ ନାରା,
ବିଦେଶୀ ବସ୍ତ୍ର ତେଜିବା ପାଇଁ
କହିଲେ ସିଏ ପରା ।

ଏକାଠି କଲେ ନିଜ ଲୋକଙ୍କୁ
ଫିରିଙ୍ଗି ବିରୁଦ୍ଧରେ,
ସଭିଙ୍କ କାନେ ମନ୍ତ୍ର ଫୁଙ୍କିଲେ
ବୁଲି ସେ ଦ୍ୱାରେ ଦ୍ୱାରେ ।

ବିଦେଶ ଯାଇ ପଢିଲେ ସିନା
କଲେ ଦେଶର ସେବା,
ଦୁଃଖୀରଙ୍କିଙ୍କ ସାଥୀରେ ରହି
ବଢାଇଥିଲେ ଶୋଭା ।

ଆଖିରେ ଥିଲା ଗୋଲ ଚଷମା
ଅଣ୍ଟାରେ ଘଣ୍ଟାଟିଏ,
ସେବା କରମେ ବ୍ରତୀ ବୋଲି ସେ
ସୂଚାଉଥିଲା ସିଏ ।

ଖରା ବରଷା ଶୀତ ସହି ସେ
କରିଲେ ଆନ୍ଦୋଳନ,
ଭାରତ ଛାଡି ଗଲେ ବିଲାତ
ଗୋରା ସାହେବଗଣ ।

ଦେଶ ପାଇଁ ଯେ ଗୁଳି ଖାଇଲେ
ଜୀବନ ଦୀପ ଜାଳି,
ସିଏ ଜାତୀୟ ପିତା ଆମର
ହେବ କେ ତାଙ୍କ ସରି ?

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

# ଆହେ, ବାପୁ ମହାତମା !

*ମହେନ୍ଦ୍ର କୁମାର ଘଡ଼େଇ*



ବିରଷ ଗୋଟିଏ ଚାହିଁ ରହିଥାଉ
ପାଳିବାକୁ ଏଇ ଦିନ
ପତର ଫୁଲରେ ସଜାଇ ମୂରତୀ
ଦେଉ ବଡ଼ ସନମାନ ।

ଟିପିଟିପି ବିନ୍ଦି ଚନ୍ଦନ ଫଟୋରେ
ନେଇ ଦେଉ ନବବାସ

ଧୂପ ଦୀପ ଦେଇ ବନ୍ଦାପନା କରି
ବସିଯିବୁ ତୁମ ପାସ ।

ତୁମ ରାମଧୂନ ଗାଇ ଗାଇ ଆମେ
ବୁଲିବୁ ସାହିକୁ ସାହି
ଚିତ୍ତ ଚରିତକୁ ସଫାରଖିବାକୁ
ଗୀତା ପଢ଼ ଯିବୁ କହି ।

ସ୍ୱଚ୍ଛ ଭାରତରେ ଗାଆଁ ପରିମଳ
ମିଳିମିଶି ସଫା କରି
କଅଁଳ ନରମ ମନ ଫରୁଆରେ
ଅହିଂସା ମନ୍ତର ଧରି ।

ମିଛକୁ ବରଜି ଚାଲିବୁ ସତରେ
ତୁମରି କହିବା ପରି

ସୁଖ ଶାନ୍ତି ପାଇଁ ଜୀବେଦୟା ପାଳି
ଚାଲିବୁ ବରତ କରି ।

ପର ଦୁଃଖ ପୀଡ଼ା ଭଲ ନୁହେଁ ବୋଲି
ତା'ଠୁ ରହିବୁରେ ଦୂରେ
ଶରଧା ସୁମନ ଦେଇ ଫେରିବାକୁ
ଡାକିବୁ ଆମ ଏ ପୁରେ ।

ସାରା ଭୁବନରେ ତୁମରି କୀରତି
ଆଜି ଅମଳିନ ଅଛି
ତୁମ ଦେଖାଇବା ଚଉଡ଼ା ପଥରେ
ମହୀ ଚଳେ ବାଛି ବାଛି ।

ମଣିଷ ଦେହରେ ତୁମେ ତ ଠାକୁର
ଆହେ ବାପୁ ମହାତମା
ତୁମ ମେଳି ବଳେ ଦିନେ ତଡ଼ିଥିଲା
ଫିରିଙ୍ଗି ଦେଶର ସୀମା ।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ*
*ମୋ-୯୪୩୭୭୪୦୫୬୬*

# ଚରଣରେ ମଥାପାତି

*ନଗେନ୍ଦ୍ର ନାଥ ପଟ୍ଟନାୟକ*



ମହାତମା ଗାନ୍ଧୀ, ଲାଲ ବାହାଦୁର
ଭାରତମାତାର ସୁତ
ଜଣେ ପରା ଅଟେ ଜାତିର ଜଣକ
ଆଉ ଜଣେ ଶାନ୍ତିଦୂତ ।।
ଗାନ୍ଧିଜୀଙ୍କ ନୀତି ଅହଂସା ବଳରେ
ସ୍ୱାଧୀନ ହୋଇଲା ଦେଶ
ଜୟ ଯବାନ ଓ ଜୟ କିଶାନର
ଡାକେ ବଦଳିଲା ବେଶ ।।
ଦେଶ ପାଇଁ ତାଙ୍କ ନିର୍ମଳ ଶାସନ
ଅନୁପମ ଅବଦାନ
ପରୋପକାର ଓ ସରଳତା ଗୁଣ
ଥିଲା ତାଙ୍କ ଆଭୂଷଣ ।।
ଏ ମହାମାନବ ଦୁହିଁଙ୍କ ଜୟନ୍ତୀ
ଅକ୍ଟୋବର ଦୁଇ ତିଥି
ଆସ ଗୁଣଗାନ କରିବା ତାଙ୍କର
ଚରଣରେ ମଥାପାତି ।।
ନେବାରେ ଶପଥ ଏ ପୁଣ୍ୟ ତିଥିରେ
ଆମେ ସବୁ ପିଲେ ମିଶି
ସାକାର କରିଲେ ତାଙ୍କ ସପନକୁ
ହୋଇବେ ସେ ଦୁହେଁ ଖୁସି ।।

*ଓସ୍କାର ସିଟି, ଲକ୍ଷ୍ମୀ ସାଗର କେନାଲ ରୋଡ, ଭୁବନେଶ୍ୱର*
*ମୋ- ୯୪୩୮୩୩୨୧୩୮*

# ବାପୁଙ୍କୁ ଝୁରୁଛି ଦେଶ

*ପ୍ରଶାନ୍ତ କୁମାର ଦାଶ*



ଗୋରା ଶାସନ ଥରାଉଥିଲା
ଦେଶ ଜନତା ଛାତି
ଆସୁଥିଲା ତ ମଣିଷ ପାଇଁ
ଦୁଃଖ ଲୁହର ରାତି ।।
ଦେଖି ବାପୁଜୀ ଲୋକଙ୍କ ଦୁଃଖ
ଶପଥ ନେଲେ ହସି
ଅହିଂସା ବଳେ ଲଢ଼େଇ କଲେ
ବିଦେଶୀ ଯିବେ ଖସି ।।
ଦେଲେ ଡାକରା ଦେଶଟା ସାରା
ଉଠିଲେ ସବୁ ଜାଗି
କଲେ ଲଢ଼େଇ ମିଳି ମିଶିକି
ବଡେଇ ଦେଲେ ଭାଗି ।।
ହାତରେ ଗୀତାବହି ଓ ବାଡ଼ି
ଖଦଡ଼ ଧୋତି ପିନ୍ଧି
ବାପୁତ ଗଲେ ଦେଶ ରାଇଜ
ଗାଆଁ ସହର ବିନ୍ଧି ।।
ଆମ ଦେଶର ମୁକତି ଲାଗି
କଲେ ବାପୁଜୀ କାମ
ଥିଲା ତାଙ୍କର ସପନ ଦେଶ
ହେବ ସରଗ ଧାମ ।।
ଗୁଜୁରାଟର ପୋର୍ ବନ୍ଦରେ
ଜନମ ହେଇ ସିଏ
ହେଲେତ ଦିନେ ମହାମାନବ
ତାଙ୍କରି ପରି କିଏ ।।
ସେ ବିଶ୍ୱ ପିତା ଆମକୁ ଛାଡି
ଗଲେ ବହୁତ ଦୂର
ତାଙ୍କରି ଲାଗି ହସୁଛି ଆମ
ରାଇଜ ପଲ୍ଲୀ ପୁର ।।

*କୁଞ୍ଜର-ସଙ୍ଗଳାଇ, ପିପିଲି-ପୁରୀ*
*ମୋ-୯୬୬୮୮୨୨୧୯୦*

# ଶରତ ଶୋଭା

*ପବିତ୍ର କୁମାର ସାହୁ*

ବରଷା ରାଣୀ ଲୁଚିଗଲାଣି
ଧଳା ବଉଦ ତଳେ ।
ନୀଳ ଆକାଶ ଛାତି ଫୁଲେଇ
ହସେ ଶରତ କୋଳେ ।।୧

ଗହିର ବିଲ ପାଟ ମାଳରେ
ସବୁଜ ଧାନ କେରା ।
ମଥା ହଲେଇ ନାଚଇ ତାଳେ
ଦିଶଇ କେଡ଼େ ତୋରା ।।୨

ନଈ ପଠାରେ କାଶତଣ୍ଡୀର
କେଶ ମୁକୁଳା ହସ ।
ଧଳା ରଙ୍ଗର ଓଢ଼ଣୀ ଟାଣି
ଆସେ ଭୋଦୁଅଁ ମାସ ।।୩

ଉଇଁଲେ ଜହ୍ନ ଫୁଲେଇ କଇଁ
ପୋଖରୀ ଜଳେ ହସେ ।
ସକାଳ ହେଲେ ଜହ୍ନି ଫୁଲର
ଶୋଭାର ହାଟ ବସେ ।।୪

ଶରତ ଶୋଭା ନିର୍ମଳ ଛବି
ପଦୁଅଁ ଫୁଲ ବାସ ।
ସବୁଜ କ୍ଷେତ ବଣ ପାହାଡ଼
ମନରେ ଭରେ ହସ ।।୫

ତାରା ମେଳରେ ଭସା ବାଦଲ
ଖେଳନ୍ତି ଲୁଚକାଳି ।।୬

ଦୁବ ଘାସର କଅଁଳ ଦେହେ
କାକର ବିନ୍ଦୁ ଶୋହେ ।
ମଣି ମୁକୁତା ଝରାଇ ଦେଇ
ଶରତ ଉଭା ହୁଏ ।।୭

ତରାଟି ଚାହିଁ ବାସର ପେଡ଼ି
ଖୋଲେ ଗଙ୍ଗଶିଉଳି ।
ନୀଳ ଜଳରେ ଢେଉ ଦୋଳିରେ
ଖେଳଇ ହଂସରାଳି ।।୮

ଖୁଦୁରୁକୁଣୀ ଜହ୍ନି ଓଷାରେ
କୁଆଁରୀ ଲୋଡା ଆଗ ।
ଗଭାଟି ତାର କଇଁ ଫୁଲରେ
ଦିଶଇ କେଡ଼େ ବାଗ ।।୯

ଥଣ୍ଡା ପବନ ସାଥିରେ ଧରି
ଶରତ ଛୁଏଁ ଧରା ।
ଦଶ ଭୂଜାକୁ ମେଲାଇ ଦେଇ
ଆସନ୍ତି ମାଆ ପରା ।।୧୦

ଶାଗୁଆ ଶାଢି ଧରଣୀ ପିନ୍ଧି
ହସଇ ଖିଲି ଖିଲି ।
କେତେ ସୁଷମା ଶରତ ମାଖି
ଆସଇ ହଲି ଝୁଲି ।।୧୧

ବେଳ ବୁଡିଲେ ଶରତ ଆଭା
ଦେହରେ ଦିଏ ବୋଳି ।

*ସଂସ୍କୃତ ଶିକ୍ଷକ, ଅତାସାହି, ଆନନ୍ଦପୁର, କେନ୍ଦୁଝର*
*ମୋ- ୯୭୭୭୫୬୦୯୨୧*



# ଆମ ଘାଣ୍ଟ ତରକାରି

*ଜୟକୃଷ୍ଣ ସାହୁ*

ବରଷକେ ଥରେ ଘାଣ୍ଟ ତରକାରି
ହୁଅଇ ଆମରି ଘରେ
ସେ ଦିନଟି ପରା ଆସଇ ଘରକୁ
ଦୂତୀଆ ଓଷାର ପରେ
ଗଜାମୁଗ କରେ ବୋଉ,
ତା' ସାଙ୍ଗକୁ ଆଣେ ସାରୁ ଆଳୁ ଜହ୍ନି
କଦଳୀ କଖାରୁ ଓଉ ।
ଜିରା ଲଙ୍କା ସଙ୍ଗେ ଗରମ ମସଲା
ଗୁଣ୍ଡ କରି ରଖିଥାଏ
ପାଗଯୋଗ କରି ପରିବା ସିଝାଇ
ଯୋଗାଡ଼ି ସେ ଭରିଦିଏ
ଘାଣ୍ଟ ମହମହ ବାସେ,
ଅପାକୁ ଡାକି ମୁଁ ଖାଇବା ପାଇଁ କି
ଆସନ ପକାଇ ବସେ ।
ଓଡ଼ିଆ ଘରର ଘାଣ୍ଟ ତରକାରି
ଖାଇଛି ଜୀବନେ ଯିଏ
ଆଉ ଖାଇବାକୁ ମନ ସେ ବଳାଏ
ଜୀବନରେ ଥିବା ଯାଏ
କେବଳ ସୁଆଦ ନୁହେଁ,
ତରକାରିଟିରେ ଭରପୁର ହୋଇ
ଖାଦ୍ୟସାର ରହିଥାଏ ।
ଆମ ଜାତି ଆମ ପରବ ପର୍ବାଣୀ
ସବୁ ଆମ ହିତ ପାଇଁ
ନାଚି ଗାଇ ହସି ପରବ ପାଳିବା
ହେଳାଟି କରିବା ନାହିଁ
ତେବେ ଯାଇ ହେବା ଖୁସି,
ଆମେ ଖୁସି ହେଲେ ଜଗତ ହସିବ
ଚଳିବା ଆମରେ ମିଶି ।

*କପିଳ ପ୍ରସାଦ, ଭୁବନେଶ୍ୱର-୨*
*ମୋ-୯୯୩୭୦୯୨୩୯୭*

# ମହାତ୍ମା ଗାନ୍ଧୀଙ୍କ ଜୟ

*ଶୁଭନାରାୟଣ ଶତପଥୀ*

କଥାଟିଏ ମୁଁ କହୁଅଛି ଶୁଣ
ଗାନ୍ଧିଜୀଙ୍କ ବିଷୟରେ
ବାଲ୍ୟକାଳେ ତାଙ୍କୁ ସଭିଏଁ ଡାକନ୍ତି
ମୋହନ ଦାସ ନାମରେ ।
ମୋହନ ଡରଇ ପିଲାବେଳେ ଭାରି
ଦେଖି ସାପ, ଚୋର, ରାତି
ନାନୀ ରମ୍ଭାବାଇ କହିଲେ ଡକାଇ
ମନକୁ ଆଣନା ଭୀତି ।
ଭୟ ଥିଲେ ମନେ ହାରିବ ଜୀବନେ
ଡରି ଡରି ଯିବ ଦିନ
ଯେ ଯାହା କହିଲେ କରି ଚାଲିଥିବ
ବଳିପଡେ ସ୍ୱାଭିମାନ ।
ପିଠି ଆପୁଡାଇ କହିଲେ ବୁଝାଇ
ତୁଣ୍ଡେ ଧର ରାମ ନାମ
ମନରେ ସାହସ ବାନ୍ଧି ବଢୁଥିବ
ଆସିବନି କେବେ ଭ୍ରମ ।
ମାନିଲେ ଗାନ୍ଧିଜୀ ନାନୀଙ୍କର କଥା
ମନରୁ ଛାଡିଲେ ଡର
ଜୁଟାଇ ସାହସ ନେଲେ ସେ ନେତୃତ୍ୱ
ଜୟ ହେଲା ଭାରତର ।
ଡରିଲେ ଫିରିଙ୍ଗି ଛାଡିଲେ ଭାରତ
ଖୁସି ସବୁ ଭାରତୀୟ
ମୋହନ ବାପୁଜୀ ଜାତିର ଜନକ
ମହାତ୍ମା ଗାନ୍ଧୀଙ୍କ ଜୟ ।
ସାହସ ଓ ମନୋବଳ ଦୃଢ଼ କଲେ
ଦୁରେଇ ଯିବଟି ଭୟ
ହାରିବାନି କେବେ ହେବା ବାପୁ ପରି
ହୃଦୟକୁ କରି ଜୟ ।



*ବିଜିପୁର, ବ୍ରହ୍ମଗିରି, ପୁରୀ*
*ମୋ-୯୪୩୮୪୩୨୦୨୩*

# ଅହିଂସା ପୂଜାରୀ ଆସ ତୁମେ ଫେରି

*ରାମଚନ୍ଦ୍ର ବେହେରା*



ଦେଶର ଜନକ ହେ ବୀର ସନ୍ତାନ
ଫେରି ଆସ ଆଉ ଥରେ
ତୁମରି ଅହିଂସା ନୀତି ପାଇଁ ଆଜି
ସବୁରି ପରାଣ ଝୁରେ ।

ତୁମେ ଆସିଗଲେ ସର୍ବ ହୃଦୟରେ
ଶାନ୍ତି ମୈତ୍ରୀ ବିରାଜିବ
ସତ୍ୟକୁ ଆଦରି ସଭିଏଁ ଚାଲିବେ
ରାଗ ହିଂସା ମଉଳିବ ।

କେତେ ଯେ କଷଣ ସହିଥିଲ ତୁମେ
କାରାବାସେ ବନ୍ଦି ହୋଇ
ତୁମ ନୀତି ଯୋଗୁଁ ଇଂରେଜ ହାରିଲା
ଦେଶରୁ ଗଲା ଦୂରେଇ ।

ତୁମ ନୀତିବାଣୀ ଅହିଂସା ଧରମ
ପାଳିବେ ଭାରତବାସୀ
ସତ୍ୟକୁ ଆଦରି କର୍ମ କରିଯିବେ
ସେନେହ ଶ୍ରଦ୍ଧା ପରଶି ।

ମାନବ ସେବାକୁ ମାଧବର ସେବା
ପାଳିବେ ହୃଦୟେ ସର୍ବେ
ଭେଦଭାବ ଭୁଲି ସରାଗେ ଗାଇବେ
ତୁମରି ଆଦର୍ଶ ଗର୍ବେ ।

ଏକତା ମନ୍ତ୍ରରେ ବାନ୍ଧିହୋଇ ସର୍ବେ
ଲାଗିଯିବେ ଦେଶ କାମେ
ପ୍ରଗତି ପଥରେ ଦେଶ ଆଗେଇବ
ସୁନାର ଭାରତ ନାମେ ।

ଅହିଂସା ପୂଜାରୀ ଆସ ତୁମେ ଫେରି
ନକରି ବିଳମ୍ବ କ୍ଷଣେ
ତୁମ ସ୍ନେହ ଶ୍ରଦ୍ଧା ଅଂକୁରିତ ହେଉ
କୋଟି ଭାରତୀୟ ପ୍ରାଣେ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

# ନାଗୋୟାରେ ଭାରତୀୟ ଖେଳାଳିଙ୍କ ପଦକ ବର୍ଷା

# ଗୋଟିଏ ଦିନରେ ଆସିଲା ୪ଟି ସ୍ୱର୍ଣ୍ଣ : ଭାଙ୍ଗିଲା ଏସିଆନ ରେକର୍ଡ

**ନାଗୋୟା**







ଏସିଆନ୍ ଗେମ୍ସ ୨୦୨୬ର ୩୦ ସେପ୍ଟେମ୍ବର ତାରିଖ ସମ୍ପୂର୍ଣ୍ଣ ଭାବେ ଭାରତ ନାମରେ ରହିଛି। ଭାରତୀୟ ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରି ଗୋଟିଏ ଦିନରେ ଚାରିଟି ସ୍ୱର୍ଣ୍ଣ ପଦକ ଜିତି ନେଇଛନ୍ତି। କମ୍ପାଉଣ୍ଡ ଆର୍ଚ୍ଚେରୀରେ ଭାରତ ସ୍ୱର୍ଣ୍ଣ ପଦକର ହ୍ୟାଟ୍ରିକ୍ ମାରିଥିବା ବେଳେ ବନ୍ଧୁକଚାଳନାର ଟ୍ରାପ୍ ମିକ୍ସଡ୍ ଟିମ୍‌ରେ ନୀରୁ ଧଣ୍ଡା ଏବଂ କ୍ୟାନନ୍ ଚେନାଇଙ୍କ ଯୋଡ଼ି ସ୍ୱର୍ଣ୍ଣ ପଦକ ଜିତିବା ସହ ଏସିଆନ ରେକର୍ଡ ମଧ୍ୟ ଭାଙ୍ଗିଛନ୍ତି। ଅନ୍ୟପଟେ କମ୍ପାଉଣ୍ଡ ଆର୍ଚ୍ଚେରୀର ଷ୍ଟାର ଖେଳାଳି ଚିକିଥା ତନିପାର୍ଥୀ ଗୋଟିଏ ଦିନରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତି ଏକ ବିଶେଷ ସଫଳତା ହାସଲ କରିଛନ୍ତି। ଗୋଟିଏ ଦିନରେ ଚାରିଟି ସ୍ୱର୍ଣ୍ଣ ପଦକ ମିଳିବା ସହ ଭାରତର ମୋଟ ସ୍ୱର୍ଣ୍ଣ ପଦକ ସଂଖ୍ୟା ବର୍ତ୍ତମାନ ୧୦ରେ ପହଞ୍ଚିଛି।

କମ୍ପାଉଣ୍ଡ ଆର୍ଚ୍ଚେରୀରେ ଭାରତ ବୁଧବାର ଦିନ ଚମତ୍କାର ପ୍ରଦର୍ଶନ କରିଛି। ଭାରତୀୟ ଖେଳାଳିମାନେ ମହିଳା ଦଳ, ମିଶ୍ରିତ ଦଳ ଏବଂ ପୁରୁଷ ଦଳ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛନ୍ତି। ଆର୍ଚ୍ଚେରୀର ଶେଷ ମୁକାବିଲାରେ ଭାରତୀୟ ପୁରୁଷ ଦଳ ଚୀନ୍‌କୁ ଏକ ଅତ୍ୟନ୍ତ ରୋମାଞ୍ଚକର ଫାଇନାଲ୍‌ରେ ୨୩୮–୨୩୭ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

ଉଭୟ ଦଳ ମଧ୍ୟରେ ଏହି ମୁକାବିଲା ଶେଷ ତୀର ପର୍ଯ୍ୟନ୍ତ ଚାଲିଥିଲା। ଭାରତୀୟ ଖେଳାଳିମାନେ ପ୍ରବଳ ଚାପ ସତ୍ତ୍ୱେ ନିଜର ସଂଯମତା ବଜାୟ ରଖିଥିଲେ ଏବଂ ଚୀନ୍‌କୁ ମାତ୍ର ଏକ ପଏଣ୍ଟରେ ପଛରେ ପକାଇ ଦେଇଥିଲେ। ଏହି ବିଜୟ ସହିତ ଭାରତ କମ୍ପାଉଣ୍ଡ ଆର୍ଚ୍ଚେରୀରେ ଗୋଟିଏ ଦିନରେ ତିନିଟି ସ୍ୱର୍ଣ୍ଣ ପଦକ ଜିତିବାର ଚମତ୍କାର କରି ଦେଖାଇଛି।

ଶୁଟିଂରେ ମଧ୍ୟ ଭାରତ ପାଇଁ ବୁଧବାର ଦିନଟି ଚମତ୍କାର ରହିଥିଲା। ନୀରୁ ଧଣ୍ଡା ଏବଂ କ୍ୟାନନ୍ ଚେନାଇ ଟ୍ରାପ୍ ମିକ୍ସଡ୍ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଭାରତୀୟ ଯୋଡ଼ି ଫାଇନାଲ୍‌ରେ ୩୪ ସ୍କୋର କରିଥିବା ବେଳେ କତାରର ମହମ୍ମଦ ଅଲ୍-ରୁମୈହି ଏବଂ ରେ ବାସିଲ୍ ୩୨ ପଏଣ୍ଟ ସହ ସିଲଭର ମେଡାଲ ହାସଲ କରିଛନ୍ତି।

ଭାରତୀୟ ଯୋଡ଼ିଙ୍କ ଏହି ବିଜୟର ବିଶେଷତ୍ୱ କେବଳ ସ୍ୱର୍ଣ୍ଣ ପଦକ ନଥିଲା। ନୀରୁ ଏବଂ କ୍ୟାନନ୍ ଏହି ସମୟରେ ଏକ ନୂଆ ଏସିଆନ ରେକର୍ଡ ମଧ୍ୟ ସୃଷ୍ଟି କରିଛନ୍ତି। ଏହା ପୂର୍ବରୁ ଏହି ଇଭେଣ୍ଟର ଏସିଆନ ରେକର୍ଡ ୩୦ ପଏଣ୍ଟ ଥିଲା, ଯାହାକୁ କତାର ଚଳିତ ବର୍ଷ ଜାନୁଆରୀ ମାସରେ ପ୍ରସ୍ତୁତ କରିଥିଲା। ଭାରତୀୟ ଯୋଡ଼ି ପୁରୁଣା ରେକର୍ଡକୁ ଚାରି ପଏଣ୍ଟରେ ପଛରେ ପକାଇ ଏକ ନୂଆ ଏସିଆନ ରେକର୍ଡ ସ୍ଥାପନ କରିଛନ୍ତି।

ନୀରୁ ଧଣ୍ଡାଙ୍କ ପାଇଁ ମଧ୍ୟ ଆଜିର ଦିନଟି ଆହୁରି ବିଶେଷ ରହିଥିଲା। ସେ ଏହା ପୂର୍ବରୁ ବ୍ୟକ୍ତିଗତ ଟ୍ରାପ୍ ଇଭେଣ୍ଟରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ବର୍ତ୍ତମାନ ମିକ୍ସଡ୍ ଟିମ୍‌ରେ ସ୍ୱର୍ଣ୍ଣ ଜିତି ସେ ଗୋଟିଏ ସଂସ୍କରଣର ଏସିଆନ ଗେମ୍ସରେ ନିଜର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ବୁଧବାର ଦିନ ଭାରତ ପାଇଁ ସବୁଠାରୁ ଆକର୍ଷଣୀୟ କାହାଣୀ ମଧ୍ୟରୁ ଗୋଟିଏ ଥିଲା ଚିକିଥା ତନିପାର୍ଥୀଙ୍କ ସଫଳତା। ସେ ପ୍ରଥମେ ଜ୍ୟୋତି ସୁରେଖା ବେନ୍ନମ ଏବଂ ପ୍ରିଥିକା ପ୍ରଦୀପଙ୍କ ସହ ମିଶି ମହିଳା କମ୍ପାଉଣ୍ଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଭାରତୀୟ ଦଳ ଫାଇନାଲ୍‌ରେ ଚୀନ୍‌କୁ ୨୩୮–୨୩୪ରେ ପରାସ୍ତ କରିଥିଲା।

ଭାରତ ଆରମ୍ଭରୁ ହିଁ ମୁକାବିଲା ଉପରେ ନିଜର ଆଧିପତ୍ୟ ବଜାୟ ରଖିଥିଲା। ପ୍ରଥମ ଦୁଇଟି ସେଟ୍‌ରେ ଭାରତୀୟ ଦଳ ୬୦–୫୮ ସ୍କୋର କରିଥିବା ବେଳେ ତୃତୀୟ ସେଟ୍ ପରେ ୧୭୮–୧୭୬ରେ ଅଗ୍ରଣୀ ହାସଲ କରିଥିଲା। ଶେଷ ସେଟ୍‌ରେ ଭାରତୀୟ ତୀରନ୍ଦାଜମାନେ ପ୍ରବଳ ଚାପ ମଧ୍ୟରେ ଚମତ୍କାର ନିଶାନା ଲଗାଇ ୨୩୮ ପଏଣ୍ଟ ହାସଲ କରିଥିଲେ। ଭାରତର ଏହି ସ୍କୋର ୨୦୧୪ ଇଞ୍ଚିଓନ୍ ଏସିଆନ ଗେମ୍ସରେ ଦକ୍ଷିଣ କୋରିଆ ଦ୍ୱାରା କରାଯାଇଥିବା ୨୩୮ ପଏଣ୍ଟର ରେକର୍ଡ ସହ ସମକକ୍ଷ ମଧ୍ୟ ହୋଇଛି।

ମହିଳା ଦଳର ଫାଇନାଲ୍ ଶେଷ ହେବା ପରେ ଚିକିଥା ତନିପାର୍ଥୀଙ୍କୁ ଅଧିକ ବିଶ୍ରାମ ମିଳିନଥିଲା। ତାଙ୍କୁ ସାହିଲ ଯାଦବଙ୍କ ସହ ମିକ୍ସଡ୍ ଟିମ୍ ଫାଇନାଲ୍‌ରେ ପଡ଼ିଆକୁ ଓହ୍ଲାଇବାକୁ ପଡ଼ିଥିଲା, ଯେଉଁଠି ସାମ୍ନାରେ ଦକ୍ଷିଣ କୋରିଆର କଡ଼ା ଚ୍ୟାଲେଞ୍ଜ ଥିଲା। ଏହି ମୁକାବିଲା ଅତ୍ୟନ୍ତ ରୋମାଞ୍ଚକର ହୋଇଥିଲା। ଭାରତ ଆରମ୍ଭରୁ ୪୦–୩୯ରେ ଅଗ୍ରଣୀ ହାସଲ କରିଥିଲା ଏବଂ ତୃତୀୟ ସେଟ୍ ସୁଦ୍ଧା ଭାରତ ମାତ୍ର ଏକ ପଏଣ୍ଟରେ ଆଗୁଆ ଥିଲା। ଶେଷ ପର୍ଯ୍ୟାୟରେ ଦକ୍ଷିଣ କୋରିଆ ଚାପ ବଢ଼ାଇବା ଫଳରେ ମ୍ୟାଚ୍‌ଟି ଶୁଟ୍-ଅଫ୍ ପର୍ଯ୍ୟନ୍ତ ଚାଲିଯାଇଥିଲା।

ଶୁଟ୍-ଅଫ୍‌ରେ ଚିକିଥା ଏବଂ ସାହିଲ ଉଭୟ ୧୦–୧୦ ପଏଣ୍ଟ ହାସଲ କରିଥିବା ବେଳେ ଦକ୍ଷିଣ କୋରିଆର ଚୋଇ ଉନ୍ ଗ୍ୟୁ ମାତ୍ର ୯ ପଏଣ୍ଟ ହିଁ ପାଇପାରିଥିଲେ। ଭାରତ ୧୫୮–୧୫୭ରେ ଏହି ମୁକାବିଲା ଜିତି ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଥିଲା। ଏହି ଐତିହାସିକ ବିଜୟ ସହିତ ଭାରତ ୨୦୨୮ ଲସ୍ ଆଞ୍ଜେଲିସ ଅଲିମ୍ପିକ୍ସର କମ୍ପାଉଣ୍ଡ ମିକ୍ସଡ୍ ଟିମ୍ ଇଭେଣ୍ଟ ପାଇଁ କ୍ୱାଲିଫାଏ କରିବାରେ ବିଶ୍ୱର ପ୍ରଥମ ଦେଶ ହୋଇପାରିଛି। ସୂଚନାଯୋଗ୍ୟ ଯେ, କମ୍ପାଉଣ୍ଡ ଆର୍ଚ୍ଚେରୀକୁ ପ୍ରଥମ ଥର ପାଇଁ ଲସ୍ ଆଞ୍ଜେଲିସ ଅଲିମ୍ପିକ୍ସରେ ସାମିଲ କରାଯାଉଛି।

## ଆଜି ଭାରତ-ପାକିସ୍ତାନ ହକି ସେମିଫାଇନାଲ୍

**କାକାମିଗାହାରା**

ଚଳିତ ଏସୀୟ କ୍ରୀଡ଼ାର ଗୁରୁବାର ପୁରୁଷ ହକି ସେମିଫାଇନାଲ୍‌ରେ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହେବେ। ଗତ ସଂସ୍କରଣ ବିଜେତା ଭାରତ ଚଳିତ ପ୍ରତିଯୋଗିତାରେ ପୁଲ୍-ଏ'ର ୫ଟି ଯାକ ମ୍ୟାଚ୍ ଜିତି ଅପରାଜିତ ରହିଛି। ଇଣ୍ଡୋନେସିଆକୁ ୧୩–୧ରେ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ପରବର୍ତ୍ତୀ ୪ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୧୬–୧, ଦକ୍ଷିଣ କୋରିଆକୁ ୮–୨, ଜାପାନକୁ ୨–୦ ଓ ବାଂଲାଦେଶକୁ ୧୦–୦ରେ ହରାଇ ପୁଲ୍‌ର ଶୀର୍ଷ ଦଳ ଭାବେ ସେମିଫାଇନାଲ୍‌ରେ ପହଞ୍ଚିଛି।

ପୂରା ପ୍ରତିଯୋଗିତାରେ ଦବ୍‌ଦବା ରଖିଥିବା ଭାରତ ପକ୍ଷରୁ ଦିଲପ୍ରୀତ ସିଂହ ୯ ଗୋଲ୍ ଦେଇ ଆଗରେ ରହିଥିଲା ବେଳେ ଅଭିଷେକ ଓ ହରମନ୍‌ପ୍ରୀତ ସିଂହ (ପ୍ରତ୍ୟେକ ୮ ଗୋଲ୍) ତାଙ୍କ ପଛକୁ ରହିଛନ୍ତି। ଅନ୍ୟପକ୍ଷରେ ପୁଲ୍-ବି'ରେ ପାକିସ୍ତାନ କେବଳ ମାଲେସିଆଠୁ ୪–୫ରେ ହାରି ଦ୍ୱିତୀୟ ସ୍ଥାନରେ ରହିଥିଲା। ଏହି ଦଳ ଥାଇଲାଣ୍ଡକୁ ୯–୦, ଉଜ୍‌ବେକିସ୍ତାନକୁ ୫–୧, ଚୀନ୍‌କୁ ୩–୦ ଓ ଓମାନକୁ ୭–୨ରେ ମାତ୍ ଦେଇଛି। ପାକିସ୍ତାନର ସୁଫାୟନ୍ ଖାନ (୧୧ ଗୋଲ୍) ଚଳିତ ପ୍ରତିଯୋଗିତାରେ ସର୍ବାଧିକ ଗୋଲ୍ ସ୍କୋରର ଭାବେ ଆଗରେ ରହିଛନ୍ତି।

ବାଂଲାଦେଶ ବିପକ୍ଷ ଶେଷ ପୁଲ୍ ମ୍ୟାଚ୍‌ରେ ଆହତ ହୋଇଥିବା ଭାରତୀୟ ମିଡ୍‌ଫିଲ୍ଡର ରାଜକୁମାର ପାଲ୍ ଦଳରୁ ବାଦ୍ ପଡ଼ିଛନ୍ତି। ଏହି ମ୍ୟାଚ୍‌ରେ ତାଙ୍କ ବାମ ହାତ ବୁଢ଼ା ଆଙ୍ଗୁଠିରେ ଆଘାତ ଲାଗିଥିଲା। ତାଙ୍କ ବଦଳରେ ରିଜର୍ଭ ଖେଳାଳି ନୀଳକାନ୍ତ ଶର୍ମାଙ୍କୁ ଦଳରେ ସାମିଲ କରାଯାଇଛି।

# ଦକ୍ଷିଣ କୋରିଆକୁ ୨-୦ରେ ହରାଇ ଏସିଆନ ଗେମ୍ସ ଫାଇନାଲ୍‌ରେ ଟିମ୍ ଇଣ୍ଡିଆ

**କାକାମିଗାହାରା**



ଭାରତୀୟ ମହିଳା ହକି ଦଳ ସେମିଫାଇନାଲ୍‌ରେ ଦକ୍ଷିଣ କୋରିଆକୁ ୨–୦ ରେ ପରାସ୍ତ କରି ଏସିଆନ ଗେମ୍ସର ଫାଇନାଲ୍‌ରେ ପ୍ରବେଶ କରିଛି। ଏସିଆନ ଗେମ୍ସରେ ଭାରତୀୟ ଦଳ ନିଜର ଚମତ୍କାର ପ୍ରଦର୍ଶନ ଜାରି ରଖିଛି ଏବଂ ବର୍ତ୍ତମାନ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିବାଠାରୁ ମାତ୍ର ଗୋଟିଏ ପାଦ ଦୂରରେ ରହିଛି। ଅକ୍ଟୋବର ୨ ତାରିଖରେ ହେବାକୁ ଥିବା ଟାଇଟଲ୍ ମୁକାବିଲାରେ ଭାରତର ସାମ୍ନା ଚୀନ୍ ସହିତ ହେବ। ଭାରତୀୟ ମହିଳା ଦଳ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ପାଇଁ ୪୪ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇବା ସହକାରେ ଅତି ନିକଟତର ହୋଇଯାଇଛି ଏବଂ ଏଥିପାଇଁ ଦଳ ଆଉ ଏକ ପାଦ ଆଗକୁ ବଢ଼ାଇ ସାରିଛି।

ଏସିଆନ ଗେମ୍ସରେ ଭାରତୀୟ ମହିଳା ଦଳ ଏପର୍ଯ୍ୟନ୍ତ ଚମତ୍କାର ପ୍ରଦର୍ଶନ କରିଆସିଛି ଏବଂ ସେ ଅପରାଜେୟ ରହିଛି। ଆଜି ଖେଳାଯାଇଥିବା ସେମିଫାଇନାଲର ପ୍ରଥମ ଦୁଇଟି କ୍ୱାର୍ଟରରେ ଉଭୟ ଦଳ ଗୋଟିଏ ହେଲେ ବି ଗୋଲ୍ କରିପାରି ନଥିଲେ। କିନ୍ତୁ ଦ୍ୱିତୀୟ କ୍ୱାର୍ଟରରେ ଇଶିକା ଭାରତକୁ ଅଗ୍ରଣୀ କରାଇଥିଲେ। ଇଶିକା ଏକ ପେନାଲ୍ଟି କର୍ଣ୍ଣରର ସୁଯୋଗ ନେଇ ଏହାକୁ ଗୋଲ୍‌ରେ ପରିଣତ କରିଥିଲେ ଏବଂ ଭାରତକୁ ୧–୦ ରେ ଆଗୁଆ କରିଦେଇଥିଲେ। ଏହାର ମାତ୍ର ଚାରି ମିନିଟ୍ ପରେ ସୁନେଲିତା ଟପ୍ପୋ ଏକ ଫିଲ୍ଡ ଗୋଲ୍ କରି ଦଳର ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲେ। କୋରିଆ ଦଳ ଶେଷ ପର୍ଯ୍ୟନ୍ତ ଗୋଟିଏ ହେଲେ ବି ଗୋଲ୍ ଦେଇପାରି ନଥିଲା ଏବଂ ଭାରତ ସହଜରେ ଏହି ମୁକାବିଲାକୁ ନିଜ ନାମରେ କରିଥିଲା।

ଭାରତ ଏବଂ କୋରିଆ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଆରମ୍ଭରୁ କଡ଼ା ମୁକାବିଲା ଦେଖିବାକୁ ମିଳିଥିଲା। ଭାରତ ପ୍ରାରମ୍ଭିକ କିଛି ମିନିଟ୍ ମଧ୍ୟରେ ହିଁ ପେନାଲ୍ଟି କର୍ଣ୍ଣର ହାସଲ କରିଥିଲା, କିନ୍ତୁ ଏହାକୁ ଗୋଲ୍‌ରେ ପରିଣତ କରିପାରି ନଥିଲା। ଏହି ସମୟରେ କୋରିଆର ଭଲ ଡିଫେନ୍ସ ଦେଖିବାକୁ ମିଳିଥିଲା। ଭାରତ କୋରିଆର ଡିଫେନ୍ସକୁ ଭେଦ କରି ଗୋଲ୍ କରିବାକୁ ଚେଷ୍ଟା କରିଥିଲା, କିନ୍ତୁ ସଫଳତା ମିଳିନଥିଲା। ପ୍ରଥମ କ୍ୱାର୍ଟରରେ ଭାରତକୁ ମୋଟ ୯ଟି ପେନାଲ୍ଟି କର୍ଣ୍ଣର ମିଳିଥିଲା, କିନ୍ତୁ ଦଳ ଗୋଟିଏ ବି ଗୋଲ୍ କରିପାରି ନଥିଲା। ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟ ବରାବରିରେ ଶେଷ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା ଏବଂ ପ୍ରଥମ ହାଫ୍ ପର୍ଯ୍ୟନ୍ତ ମୁକାବିଲା ବରାବରିରେ ହିଁ ରହିଥିଲା।

ମ୍ୟାଚ୍ ରେଫରି ୩୦ତମ ମିନିଟ୍‌ରେ ବଲଜିତ୍ କୌରଙ୍କୁ ଗ୍ରୀନ୍ କାର୍ଡ ଦେଖାଇଥିଲେ। ଭାରତ ଉପରେ ଅଗ୍ରଣୀ ହାସଲ କରିବାର ଚାପ ବଢ଼ିବାରେ ଲାଗିଥିଲା। ମ୍ୟାଚ୍‌ର ତୃତୀୟ କ୍ୱାର୍ଟରରେ ଭାରତକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା ଏବଂ ଫରୱାର୍ଡ ଖେଳାଳି ଇଶିକା ୪୪ତମ ମିନିଟ୍‌ରେ ଏହାକୁ ଗୋଲ୍‌ରେ ପରିଣତ କରିବାରେ ସାମାନ୍ୟ ବି ବିଳମ୍ବ କରିନଥିଲେ। ଭାରତ ଏହିପରି ଭାବେ ୧–୦ରେ ଅଗ୍ରଣୀ ହାସଲ କରିଥିଲା। କୋରିଆ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ହିଁ ସୁନେଲିତା ଟପ୍ପୋ ଦଳର ଅଗ୍ରଣୀକୁ ଦ୍ୱିଗୁଣିତ କରିଦେଇଥିଲେ। ଟପ୍ପୋ ୪୮ତମ ମିନିଟ୍‌ରେ ଏକ ଚମତ୍କାର ଫିଲ୍ଡ ଗୋଲ୍ କରିଥିଲେ। ଏହିପରି ଭାବେ ଭାରତ ମ୍ୟାଚ୍‌କୁ ୨–୦ରେ ଜିତି ନେଇଛି।

## ଗର୍ଜିଲା ଗିଲ୍-ରୋହିତଙ୍କ ବ୍ୟାଟ୍

# ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତର ବିଶାଳ ବିଜୟ

**ଗୌହାଟୀ**



ଗୌହାଟୀର ବରସାପାରା ଷ୍ଟାଡିୟମରେ ବୁଧବାର ଭାରତୀୟ କ୍ରିକେଟ୍ ଟିମ୍‌ର ଅଧିନାୟକ ଶୁଭମନ ଗିଲ୍ ଏବଂ ହିଟ୍‌ମ୍ୟାନ୍ ରୋହିତ ଶର୍ମାଙ୍କର ବ୍ୟାଟ୍ ଗର୍ଜିଛି। ସତେ ଯେପରି ଉଭୟ ବ୍ୟାଟରଙ୍କ ବ୍ୟାଟ୍ ଭୋକିଲା ଥିଲା ଭଳି ମନେ ହୋଇଛି। ଦର୍ଶକମାନେ ଉଭୟ ବ୍ୟାଟରଙ୍କ ଠାରୁ ବିସ୍ଫୋରକ ବ୍ୟାଟିଂ ଦେଖିଛନ୍ତି। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ମିଳିଥିବା ୪୦୬ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ସହଜରେ ହାସଲ କରିଛି। ଭାରତ ୪୩.୩ ଓଭରରେ ୨ଟି ୱିକେଟ୍ ହରାଇ ୪୦୬ ରନ୍ କରିଛି। ଭାରତ ଏହି ବିଜୟ ସହିତ ଚଳିତ ଶୃଙ୍ଖଳାରେ ୨–୦ରେ ଅଗ୍ରଣୀ ହାସଲ କରିଛି।

ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତର ପ୍ରାରମ୍ଭିକ ବ୍ୟାଟିଂ ଦମ୍‌ଦାର ଥିଲା। ରୋହିତ ଶର୍ମା ଏବଂ ଶୁଭମନ ଗିଲ ପ୍ରଥମ ୱିକେଟ୍ ପାଇଁ ୨୫୫ ରନ୍‌ର ଭାଗିଦାରୀ କରିପାରିଥିଲେ। ଏଥିରୁ ରୋହିତ ବ୍ୟକ୍ତିଗତ ଭାବେ ଶତକ (୧୦୧ ରନ୍) ହାସଲ କରିଥିଲେ। ସେ ୭୫ଟି ବଲ୍ ଖେଳି ୧୦ଟି ଚୌକା ଏବଂ ୬ଟି ଛକା ମାରିଥିଲେ। ଦ୍ୱିତୀୟ ୱିକେଟ ପାଇଁ ଶୁଭମନ ଗିଲ୍ ଏବଂ ବିରାଟ କୋହଲି ୬୫ ରନ୍‌ର ଭାଗିଦାରୀ କରିପାରିଥିଲେ। କୋହଲି ୧୯ଟି ବଲ୍‌ର ସାମ୍ନା କରି ୩ଟି ଚୌକା ଏବଂ ଗୋଟିଏ ଛକା ବଳରେ ୨୯ ରନ୍ ସଂଗ୍ରହ କରିଥିଲେ।

ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ଦ୍ୱିତୀୟ ମୁକାବିଲାରେ ଭାରତୀୟ ଅଧିନାୟକ ଶୁଭମନ ଗିଲ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ଅତିଥି ଦଳ ନିର୍ଦ୍ଧାରିତ ୫୦ ଓଭରରେ ୭ଟି ୱିକେଟ୍ ହରାଇ ୪୦୫ ରନ୍ ସଂଗ୍ରହ କରିଥିଲା। ୱେଷ୍ଟଇଣ୍ଡିଜ ପାଇଁ ଜନ୍ କ୍ୟାମ୍ପବେଲ, ସାଇ ହୋପ ଏବଂ ଅମିର ଜାଙ୍ଗୋ ଶତକ ହାସଲ କରିଥିଲେ। କ୍ୟାମ୍ପବେଲ ୬୮ଟି ବଲ୍ ଖେଳି ୯ଟି ଚୌକା ଏବଂ ୫ଟି ଛକା ବଳରେ ୧୦୧ ରନ୍ ସଂଗ୍ରହ କରିଥିଲେ। ବିସ୍ଫୋରକ ବ୍ୟାଟର ହୋପ୍ ବ୍ୟକ୍ତିଗତ ଭାବେ ୧୦୪ ରନ୍ ସଂଗ୍ରହ କରିଥିଲେ। ସେ ୯୪ଟି ବଲ୍ ଖେଳି ୮ଟି ଚୌକା ଏବଂ ୩ଟି ଛକା ମାରିଥିଲେ। ସେହିପରି ଅମିର ଜାଙ୍ଗୋ ୧୩ଟି ଚୌକା ଏବଂ ୩ଟି ଛକା ସହାୟତାରେ ୧୧୪ ରନ୍ ସଂଗ୍ରହ କରିଥିଲେ। ଏଥି ପାଇଁ ସେ ୭୭ଟି ବଲ୍ ଖେଳିଥିଲେ।

ୱେଷ୍ଟଇଣ୍ଡିଜର ପ୍ରାରମ୍ଭିକ ବ୍ୟାଟିଂ ଉନ୍ନତ ନଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଦଳର ଖେଳାଳିମାନେ ଭଲ ସ୍କୋର କରିଥିଲେ। ୩୭ ରନ୍‌ରେ ଦଳ ପ୍ରଥମ ୱିକେଟ୍ ହରାଇଥିଲା। କିନ୍ତୁ ଦ୍ୱିତୀୟ ୱିକେଟ୍‌ରେ ଦଳ ୧୧୦ ରନ୍ ଭାଗିଦାରୀ କରିପାରିଥିଲା। ସେହିପରି ତୃତୀୟ ୱିକେଟରେ ୧୮୨ ରନ୍ ଏବଂ ତୃତୀୟ ଚତୁର୍ଥ ୱିକେଟ୍‌ରେ ୧୦୧ ରନ୍‌ର ଭାଗିଦାରୀ ବିଶାଳ ସ୍କୋର କରିବାରେ ସହାୟକ ହୋଇଥିଲା। ଭାରତ ପକ୍ଷରୁ ଗୁରନୁର ବ୍ରାର, ରବୀନ୍ଦ୍ର ଜାଡେଜା ଏବଂ କୁଲଦୀପ ଯାଦବ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଦ୍ରୁତ ବୋଲର ପ୍ରସିଦ୍ଧ କୃଷ୍ଣାଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।

# ବିଶ୍ୱ ପର୍ଯ୍ୟଟନ ମଞ୍ଚରେ ଭାରତର ଐତିହାସିକ ଅଗ୍ରଗତି



**ଶ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ**
**କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ**

> "ଟିଟିଡିଆଇ ୨୦୨୬ (ଟ୍ରାଭେଲ୍ ଆଣ୍ଡ ଟୁରିଜିମ୍ ଡେଭଲପମେଣ୍ଟ ଇଣ୍ଡେକ୍ସ)ରେ ଭାରତର ସ୍ଥାନ ପ୍ରମାଣ କରୁଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକାଶ ବି ଐତିହ୍ୟ ବି'ର ଦୃଷ୍ଟିକୋଣ ବର୍ତ୍ତମାନ ବାସ୍ତବ ରୂପ ନେଉଛି।"

କୌଣସି ଦେଶରେ କେବଳ ସୁନ୍ଦର ପର୍ବତ, ପ୍ରାଚୀନ ମନ୍ଦିର କିମ୍ବା ସମୁଦ୍ରକୂଳ ଥିବା କାରଣରୁ ପର୍ଯ୍ୟଟନର ବିକାଶ ହୁଏ ନାହିଁ। ପର୍ଯ୍ୟଟକମାନଙ୍କୁ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପାଇଁ ଉତ୍ତମ ସଡ଼କ ଓ ବିମାନ ସଂଯୋଗ ଏବଂ ରହିବା ପାଇଁ ହୋଟେଲ କିମ୍ବା 'ହୋମ୍-ଷ୍ଟେ' ଭଳି ବ୍ୟବସ୍ଥା ଆବଶ୍ୟକ ହୋଇଥାଏ। ସେମାନଙ୍କୁ ସଠିକ୍ ସୂଚନା, ସୁରକ୍ଷା, ପରିଚ୍ଛନ୍ନତା ଏବଂ ସୌଜନ୍ୟପୂର୍ଣ୍ଣ ଆତିଥ୍ୟ ମଧ୍ୟ ଦରକାର ହୁଏ। ସର୍ବୋପରି, ସେମାନେ ଏପରି ଏକ ଅନୁଭୂତି ଚାହାନ୍ତି ଯାହାକୁ ସେମାନେ ଜୀବନସାରା ମନେ ରଖିପାରିବେ। ବିଶ୍ୱ ଅର୍ଥନୈତିକ ମଞ୍ଚର ଟ୍ରାଭେଲ୍ ଆଣ୍ଡ ଟୁରିଜିମ୍ ଡେଭଲପମେଣ୍ଟ ଇଣ୍ଡେକ୍ସ ଠିକ୍ ଏହି ବିଷୟଗୁଡ଼ିକୁ ହିଁ ମୂଲ୍ୟାଙ୍କନ କରିଥାଏ। ଏହାର ୨୦୨୬ ରିପୋର୍ଟ ସୂଚିତ କରେ ଯେ ଭାରତ ଏହି ଦିଗରେ ଉଲ୍ଲେଖନୀୟ ଅଗ୍ରଗତି କରିଛି।

ଭାରତ ୨୦୧୪ ମସିହାରେ ଥିବା ୬୫ତମ ସ୍ଥାନରୁ ଉନ୍ନତି କରି ୨୦୨୪ରେ ୩୯ତମ ସ୍ଥାନରେ ପହଞ୍ଚିଥିଲା ଏବଂ ବର୍ତ୍ତମାନ ୧୬୦ଟି ଅର୍ଥନୀତି ମଧ୍ୟରେ ୩୧ତମ ସ୍ଥାନ ହାସଲ କରି ଆହୁରି ଆଗକୁ ବଢ଼ିଛି। ଆମର ସାମଗ୍ରିକ ସ୍କୋର ୪.୪୨ ରହିଛି, ଯାହା ୨୦୨୪ ତୁଳନାରେ ୪.୩ ପ୍ରତିଶତ ବୃଦ୍ଧିକୁ ସୂଚାଉଛି। ନୂତନ ପଦ୍ଧତି ବ୍ୟବହାର କରି ପୁନଃ-ଗଣନା କରାଯାଇଥିବା ୨୦୧୯ର ୪.୩୬ ସ୍କୋର ତୁଳନାରେ ମଧ୍ୟ ଏହା ୧.୪ ପ୍ରତିଶତ ବୃଦ୍ଧିକୁ ଦର୍ଶାଉଛି। ଦକ୍ଷିଣ ଏସିଆ ଏବଂ ନିମ୍ନ-ମଧ୍ୟମ ଆୟବିଶିଷ୍ଟ ଦେଶଗୁଡ଼ିକ ମଧ୍ୟରେ ଭାରତ ପ୍ରଥମ ସ୍ଥାନ ଅଧିକାର କରିଛି। ଏହା କେବଳ ମାନ୍ୟତାରେ ଉନ୍ନତି ନୁହେଁ; ବରଂ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକାଶ ଭି, ବିରାସତ୍ ଭି' (ବିକାଶ ସହିତ ଐତିହ୍ୟ) ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ପର୍ଯ୍ୟଟନ ନୀତିର ପ୍ରଭାବ ପାଇଁ ଏହା ଏକ ବିଶ୍ୱସ୍ତରୀୟ ସ୍ୱୀକୃତି।

ଏହି ମାନ୍ୟତାକୁ ବୁଝିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଧ୍ୟାନକୁ ନେବା ଆବଶ୍ୟକ। ୨୦୧୯ର ସୂଚକାଙ୍କରେ ଚାରୋଟି ବ୍ୟାପକ କ୍ଷେତ୍ର ଏବଂ ୯୦ଟି ସୂଚକ ଅନ୍ତର୍ଭୁକ୍ତ ଥିଲା, ଯେତେବେଳେ କି ବର୍ତ୍ତମାନର ମୂଲ୍ୟାଙ୍କନ ୧୭ଟି ସ୍ତମ୍ଭ ଏବଂ ୧୦୨ଟି ସୂଚକ ଉପରେ ଆଧାରିତ। ଜନମତ ଉପରେ ଆଧାରିତ ସୂଚକ ସଂଖ୍ୟା ୩୩ରୁ ହ୍ରାସ ପାଇ ୧୮ ହୋଇଛି, ଯାହାର ଅର୍ଥ ହେଉଛି ବର୍ତ୍ତମାନର ମୂଲ୍ୟାଙ୍କନ ଅଧିକ ଦୃଢ଼ ଭାବରେ ବାସ୍ତବ ତଥ୍ୟ ଉପରେ ଆଧାରିତ। ମୂଲ୍ୟାଙ୍କନ କରାଯାଇଥିବା ଦେଶ ସଂଖ୍ୟା ମଧ୍ୟ ୧୪୦ରୁ ୧୧୦କୁ ହ୍ରାସ ପାଇଥିବାରୁ, ପୁରୁଣା ଏବଂ ନୂତନ ମାନ୍ୟତା ମଧ୍ୟରେ ସିଧାସଳଖ ତୁଳନା କରିବା ଉଚିତ୍ ହେବ ନାହିଁ; ତଥାପି, ଏକ ସ୍ଥିର ଆଧାରରେ ମପାଯାଇଥିବା ଉନ୍ନତ ସ୍କୋର ଭାରତର ଅଗ୍ରଗତିକୁ ସ୍ପଷ୍ଟ ଭାବରେ ପ୍ରଦର୍ଶିତ କରୁଛି।

୧୩ଟି ସୂଚକ ଆଧାରରେ ଭାରତ ବିଶ୍ୱର ଶୀର୍ଷ ଦଶଟି ଦେଶ ମଧ୍ୟରେ ସ୍ଥାନ ପାଇଛି। ବିଦେଶୀ ପର୍ଯ୍ୟଟକଙ୍କ ହାରାହାରି ରହଣି ଅବଧି ଏବଂ ପର୍ଯ୍ୟଟନ ସମ୍ବନ୍ଧୀୟ ପରିସଂଖ୍ୟାନର ସମୟାନୁବର୍ତ୍ତୀ ରିପୋର୍ଟିଂ କ୍ଷେତ୍ରରେ ଭାରତ ପ୍ରଥମ ସ୍ଥାନ ଅଧିକାର କରିଛି। ଉଲ୍ଲେଖନୀୟ ଯେ, ଭାରତରେ ବିଦେଶୀ ପର୍ଯ୍ୟଟକଙ୍କ ହାରାହାରି ରହଣି ପ୍ରାୟ ୧୭–୧୮ ଦିନ ଅଟେ, ଯାହା ଅନ୍ୟ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ତୁଳନାରେ ଦ୍ୱିଗୁଣରୁ ଅଧିକ। ବିମାନବନ୍ଦର ସଂଯୋଗ କ୍ଷେତ୍ରରେ ଭାରତ ଚତୁର୍ଥ ସ୍ଥାନରେ ଥିବାବେଳେ ମୂଲ୍ୟ ପ୍ରତିଯୋଗିତା, ହୋଟେଲ ଭଡ଼ା, କ୍ରୟ କ୍ଷମତା ଏବଂ ଉଚ୍ଚ-ଆୟଯୁକ୍ତ ପର୍ଯ୍ୟଟନ ନିଯୁକ୍ତି ଭଳି କ୍ଷେତ୍ରରେ ଷଷ୍ଠ ସ୍ଥାନରେ ରହିଛି। ସଡ଼କ ଘନତ୍ୱ କ୍ଷେତ୍ରରେ ଦେଶ ଦଶମ ସ୍ଥାନ ଅଧିକାର କରିଛି। ନୂତନ ରାଜପଥ, ଉନ୍ନତ ରେଳ ସେବା, ନୂତନ ବିମାନବନ୍ଦର ଏବଂ ଆଞ୍ଚଳିକ ବିମାନ ଚଳାଚଳ ବ୍ୟବସ୍ଥା ବର୍ତ୍ତମାନ ପର୍ଯ୍ୟଟନ କ୍ଷେତ୍ରକୁ ଗତିଶୀଳ କରୁଛି; ଉଡାନ୍ ଯୋଜନା ମାଧ୍ୟମରେ ୬୮୭ଟି ରୁଟ୍ ଦେଇ ୯୫ଟି ବିମାନବନ୍ଦରକୁ ସଂଯୁକ୍ତ କରାଯାଇଛି।

ଭାରତର ସବୁଠାରୁ ବଡ଼ ଶକ୍ତି ହେଉଛି ଏହାର ବିବିଧତା। ଭ୍ରମଣ ସମ୍ବନ୍ଧୀୟ ସମ୍ବଳ କ୍ଷେତ୍ରରେ ଆମେ ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିଛୁ। ପ୍ରାକୃତିକ ସମ୍ବଳ କ୍ଷେତ୍ରରେ ଦେଶ ସପ୍ତମ, ସାଂସ୍କୃତିକ ସମ୍ବଳ କ୍ଷେତ୍ରରେ ନବମ ଏବଂ ବ୍ୟବସାୟ, ଶିକ୍ଷା ଓ ଅଣ-ଅବସରମୂଳକ କାର୍ଯ୍ୟକଳାପ ସହ ଜଡ଼ିତ ଭ୍ରମଣ ସମ୍ବଳ କ୍ଷେତ୍ରରେ ଅଷ୍ଟମ ସ୍ଥାନରେ ରହିଛି। ବୃହତ କ୍ରୀଡ଼ା ଷ୍ଟାଡିୟମ୍ ଏବଂ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ସଂଖ୍ୟା ଦୃଷ୍ଟିରୁ ଭାରତ ତୃତୀୟ ଏବଂ ବିଶ୍ୱସ୍ତରୀୟ ସହର କ୍ଷେତ୍ରରେ ପଞ୍ଚମ ସ୍ଥାନ ଅଧିକାର କରିଛି। ଏହା ସୂଚିତ କରେ ଯେ ଭାରତ କେବଳ ଏକ ଛୁଟି କଟାଇବାର ସ୍ଥାନ ନୁହେଁ; ବରଂ ଏହା ସମ୍ମିଳନୀ, କ୍ରୀଡ଼ା, ଶିକ୍ଷା, ବିବାହ, ଆଧ୍ୟାତ୍ମିକତା, ସ୍ୱାସ୍ଥ୍ୟସେବା ଏବଂ ବ୍ୟବସାୟ ସମ୍ବନ୍ଧୀୟ ଭ୍ରମଣ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ଉଭା ହେଉଛି।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୃଷ୍ଟିକୋଣ ସ୍ପଷ୍ଟ : ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ସହିତ ଏହାକୁ ସ୍ଥାନୀୟ ସମ୍ପ୍ରଦାୟର ସମୃଦ୍ଧି ସହ ଯୋଡ଼ିବା। ଏହି ଦୃଷ୍ଟିକୋଣ ଦ୍ୱାରା ଅନୁପ୍ରାଣିତ ହୋଇ, ପର୍ଯ୍ୟଟନ ମନ୍ତ୍ରଣାଳୟ କେବଳ ପୃଥକ ପର୍ଯ୍ୟଟନ ଆକର୍ଷଣ ସୃଷ୍ଟି କରିବା ପରିବର୍ତ୍ତେ ସମ୍ପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀର ବିକାଶକୁ ପ୍ରାଥମିକତା ଦେଇଛି। ସ୍ୱଦେଶ ଦର୍ଶନ ଯୋଜନା ଅଧୀନରେ ୧୫ଟି ବିଷୟ-ଭିତ୍ତିକ ପର୍ଯ୍ୟଟନ ସର୍କିଟ୍କୁ ନେଇ ୫,୨୯୫ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୭୬ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା, ଯେଉଁଥିମଧ୍ୟରୁ ୭୫ଟି ପ୍ରକଳ୍ପର କାର୍ଯ୍ୟ ସମ୍ପନ୍ନ ହୋଇସାରିଛି। ଏଥିସହିତ, 'ସ୍ୱଦେଶ ଦର୍ଶନ ୨.୦' ଅଧୀନରେ ୨,୨୦୭ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୫୩ଟି ପ୍ରକଳ୍ପର କାର୍ଯ୍ୟ ଅଗ୍ରଗତି କରୁଛି। ଏହା ବ୍ୟତୀତ, ପ୍ରସାଦ ଯୋଜନା ଅଧୀନରେ ଥିବା ୫୪ଟି ପ୍ରକଳ୍ପ ତୀର୍ଥସ୍ଥାନଗୁଡ଼ିକରେ ସ୍ୱଚ୍ଛତା, ସୁରକ୍ଷା ଏବଂ ସୁବିଧାଗୁଡ଼ିକର ଉନ୍ନତି ସାଧନ କରିବା ସହିତ ନିଯୁକ୍ତି ସୁଯୋଗ ମଧ୍ୟ ବୃଦ୍ଧି କରୁଛି।

ଏହି ପ୍ରୟାସଗୁଡ଼ିକର ପ୍ରଭାବ ରିପୋର୍ଟରେ ସ୍ପଷ୍ଟ ଭାବରେ ପରିଲକ୍ଷିତ ହେଉଛି। ପର୍ଯ୍ୟଟକଙ୍କ ଆଗମନର ମୌସୁମୀ ଭିତ୍ତିକତା କ୍ଷେତ୍ରରେ ଭାରତର ମାନ୍ୟତା ୮୦ତମ ସ୍ଥାନରୁ ୪୬ତମ ସ୍ଥାନକୁ ଉନ୍ନୀତ ହୋଇଛି। ଜନସଂଖ୍ୟା ତୁଳନାରେ ହୋଟେଲ୍ ରୁମ୍‌ର ଉପଲବ୍ଧତା କ୍ଷେତ୍ରରେ ମଧ୍ୟ ଦେଶ ୧୧୭ତମ ସ୍ଥାନରୁ ୮୪ତମ ସ୍ଥାନକୁ ଉନ୍ନତି କରିଛି। ଡିଜିଟାଲ୍ ପର୍ଯ୍ୟଟନ ସେବାର ବ୍ୟବହାର (୧୦୬ତମରୁ ୯୧ତମ), ପର୍ଯ୍ୟଟନ କ୍ଷେତ୍ରରେ ସରକାରୀ ବ୍ୟୟ (୧୧୩ତମରୁ ୧୦୧ତମ) ଏବଂ ପର୍ଯ୍ୟଟନର ଅର୍ଥନୈତିକ ପ୍ରଭାବ (୪୧ତମରୁ ୩୧ତମ) ଭଳି କ୍ଷେତ୍ରରେ ମଧ୍ୟ ମାନ୍ୟତାରେ ଉନ୍ନତି ଘଟିଛି; ଏହା ସହିତ କ୍ଷୁଦ୍ର-ସ୍ତରୀୟ ଭଡ଼ା ବାସସ୍ଥାନ କ୍ଷେତ୍ରରେ ମଧ୍ୟ ଉନ୍ନତି ପରିଲକ୍ଷିତ ହୋଇଛି। ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଟୁରିଜିମ୍ ଡିଜିଟାଲ୍ ଷ୍ଟାକ୍ ଶୁଭାରମ୍ଭ ହୋଇଥିବାରୁ, ଆଗାମୀ ବର୍ଷଗୁଡ଼ିକରେ ଡିଜିଟାଲ୍ ପର୍ଯ୍ୟଟନ ସେବା ମାନ୍ୟତାରେ ଆହୁରି ଉନ୍ନତି ହେବାର ଆଶା କରାଯାଉଛି। ସେହିଭଳି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପ୍ରୋତ୍ସାହନ ଓ ରିହାତି ଯୋଗୁଁ ହୋଟେଲ୍ ରୁମ୍ ସଂଖ୍ୟାରେ ଦ୍ରୁତ ବୃଦ୍ଧି ଘଟୁଛି, ଯାହା ଫଳରେ ଜନସଂଖ୍ୟା ଓ ରୁମ୍ ସଂଖ୍ୟା ମଧ୍ୟରେ ଥିବା ଅନୁପାତରେ ବୃଦ୍ଧି ହେବା ନିଶ୍ଚିତ ହୋଇପଡ଼ିଛି। ନୂତନ ସହର, ଗ୍ରାମ, ହୋମଷ୍ଟେ ଏବଂ ସ୍ଥାନୀୟ ବ୍ୟବସାୟଗୁଡ଼ିକ ଏହି ବିକାଶମୂଳକ କାର୍ଯ୍ୟକ୍ରମରୁ ସିଧାସଳଖ ଲାଭବାନ ହେଉଛନ୍ତି।

ଡିଜିଟାଲ୍ ସୁବିଧାଗୁଡ଼ିକ ଏହି ପରିବର୍ତ୍ତନକୁ ତ୍ୱରାନ୍ୱିତ କରିଛି। ବର୍ତ୍ତମାନ ୧୭୨ଟି ଦେଶର ନାଗରିକଙ୍କ ପାଇଁ ଇ-ଭିସା ଉପଲବ୍ଧ ଅଛି; ପ୍ରାୟ ୭୮ ପ୍ରତିଶତ ଭିସା ଇଲେକ୍ଟ୍ରୋନିକ୍ ମାଧ୍ୟମରେ ଜାରି କରାଯାଉଛି ଏବଂ ପ୍ରାୟ ୯୫ ପ୍ରତିଶତ ଇ-ଭିସା ଆବେଦନ ୭୨ ଘଣ୍ଟା ମଧ୍ୟରେ ପ୍ରକ୍ରିୟାକୃତ ହେଉଛି। ଇନକ୍ରେଡିବଲ୍ ଇଣ୍ଡିଆ ଏବଂ ନିଧି ପ୍ଲସ୍ ଭଳି ପ୍ଲାଟଫର୍ମ ସହିତ ବିଭିନ୍ନ ଭାଷାଭିତ୍ତିକ ପର୍ଯ୍ୟଟକ ସହାୟତା କେନ୍ଦ୍ର ସୂଚନା ଓ ସେବା ପାଇବାକୁ ସହଜ କରିପାରିଛି। ପ୍ରଯୁକ୍ତିବିଦ୍ୟା ବର୍ତ୍ତମାନ ଏକ ସେତୁ ଭାବରେ କାର୍ଯ୍ୟ କରୁଛି, ଯାହା ଛୋଟ ହୋଟେଲ୍, ଗାଇଡ୍, ଟୁର୍ ଅପରେଟର ଏବଂ ସେବା ପ୍ରଦାନକାରୀଙ୍କୁ ଏକ ବୃହତ୍ ବଜାର ସହିତ ସଂଯୋଗ କରିବା ସହିତ ପର୍ଯ୍ୟଟକଙ୍କ ପାଇଁ ସୁବିଧା ବୃଦ୍ଧି କରୁଛି।

ପର୍ଯ୍ୟଟନ କ୍ଷେତ୍ରର ଏହି ଅଭିବୃଦ୍ଧି ଅର୍ଥନୀତି ଏବଂ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ପ୍ରତିଫଳିତ ହେଉଛି। ଦେଶର ଜିଡିପିରେ ପର୍ଯ୍ୟଟନ କ୍ଷେତ୍ରର ଅବଦାନ ୫.୨୨ ପ୍ରତିଶତ ରହିଛି। ୨୦୨୩–୨୪ ଆର୍ଥିକ ବର୍ଷରେ, ଏହି କ୍ଷେତ୍ର ୮.୪୬ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି କରିଥିଲା। ୨୦୨୫ ସୁଦ୍ଧା, ଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୪୨୮.୫୫ କୋଟି ଏବଂ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୨.୫୩ କୋଟିରେ ପହଞ୍ଚିଥିଲା, ଏବଂ ପର୍ଯ୍ୟଟନରୁ ମିଳୁଥିବା ବିଦେଶୀ ମୁଦ୍ରା ଆୟ ୨,୭୬,୮୩୧ କୋଟି ଟଙ୍କା ଛୁଇଁଥିଲା। ଏହି ସଂଖ୍ୟାଗୁଡ଼ିକ ପଛରେ ଲକ୍ଷ ଲକ୍ଷ ପରିବାର ରହିଛନ୍ତି- ଯେଉଁଥିରେ ଗାଇଡ୍, ଟ୍ୟାକ୍ସି ଚାଳକ, କାରିଗର, ବୁଣାକାର, ଲୋକ କଳାକାର ତଥା ଢାବା, ଛୋଟ ହୋଟେଲ୍ ଏବଂ ହୋମ-ଷ୍ଟେ ପରିଚାଳନା କରୁଥିବା ବ୍ୟକ୍ତିମାନେ ଅନ୍ତର୍ଭୁକ୍ତ। ଏହିପରି ଭାବରେ, ପର୍ଯ୍ୟଟନ କ୍ଷେତ୍ର ସୁନିଶ୍ଚିତ କରେ ଯେ ବିକାଶର ଲାଭ ସିଧାସଳଖ ସାଧାରଣ ନାଗରିକଙ୍କ ନିକଟରେ ପହଞ୍ଚିବ।

ପର୍ଯ୍ୟଟନ କ୍ଷେତ୍ରର ଦୀର୍ଘସ୍ଥାୟୀ ସଫଳତା ସୁନିଶ୍ଚିତ କରିବା ପାଇଁ ଆମକୁ ପ୍ରକୃତି ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ପ୍ରାଥମିକତା ଦେବାକୁ ପଡ଼ିବ। ସେଥିପାଇଁ ପର୍ଯ୍ୟଟନ ସ୍ଥାୟୀତ୍ୱ କ୍ଷେତ୍ରରେ ଭାରତର ସପ୍ତମ ସ୍ଥାନ ବିଶେଷ ଗୁରୁତ୍ୱ ବହନ କରେ। ଆମର ଲକ୍ଷ୍ୟ କେବଳ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି କରିବା ନୁହେଁ; ବରଂ ଆମେ ଚାହୁଁ ଯେ ସେମାନେ ଅଧିକ ସମୟ ଧରି ରୁହନ୍ତୁ, ସ୍ଥାନୀୟ ଉତ୍ପାଦ କ୍ରୟ କରନ୍ତୁ, ନିକଟସ୍ଥ ନୂତନ ସ୍ଥାନଗୁଡ଼ିକ ବୁଲି ଦେଖନ୍ତୁ ଏବଂ ସୁଖଦ ଅନୁଭୂତି ନେଇ ଫେରନ୍ତୁ। ପର୍ଯ୍ୟଟନ ମିତ୍ର, ପର୍ଯ୍ୟଟନ ଦିଦି, ଗ୍ରାମୀଣ ହୋମ-ଷ୍ଟେ, ସ୍ୱଚ୍ଛତା ଅଭିଯାନ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସମ୍ପ୍ରଦାୟର ଅଂଶଗ୍ରହଣ ଭଳି ପଦକ୍ଷେପଗୁଡ଼ିକ ଏହି ଦୂରଦୃଷ୍ଟିର ଅଂଶବିଶେଷ ଅଟେ।

ତଥାପି, ଏହି ସଫଳତା ଆତ୍ମସନ୍ତୋଷର କାରଣ ହେବା ଉଚିତ୍ ନୁହେଁ। ଆମକୁ ଉନ୍ନତମାନର ହୋଟେଲ, ପ୍ରଶିକ୍ଷିତ ଗାଇଡ୍, ନିରବଚ୍ଛିନ୍ନ ଯୋଗାଯୋଗ ବ୍ୟବସ୍ଥା ଏବଂ ଉନ୍ନତ ପର୍ଯ୍ୟଟନ ସ୍ଥଳ ପରିଚାଳନା ଦିଗରେ ଆହୁରି କାର୍ଯ୍ୟ କରିବାକୁ ପଡ଼ିବ। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ଡିଜିଟାଲ୍ ଜ୍ଞାନକୌଶଳ ମାଧ୍ୟମରେ ଯାତ୍ରାକୁ ସରଳ ଏବଂ ବ୍ୟକ୍ତିଗତ ଆବଶ୍ୟକତା ଅନୁଯାୟୀ ସୁବିଧାଜନକ କରିବା ଆମର ଲକ୍ଷ୍ୟ। ଏହା ସହିତ, କମ୍ ଜଣାଶୁଣା ପର୍ଯ୍ୟଟନ ସ୍ଥଳଗୁଡ଼ିକ ଯେପରି ପର୍ଯ୍ୟଟକଙ୍କ ପାଇଁ ସହଜରେ ଖୋଜିବା ଯୋଗ୍ୟ, ବୁକ୍ କରିବାଯୋଗ୍ୟ ଏବଂ ସୁରକ୍ଷିତ ହେବ, ତାହା ମଧ୍ୟ ସୁନିଶ୍ଚିତ କରିବା ଆବଶ୍ୟକ। ଟିଟିଡିଆଇ ରେ ୩୧ତମ ସ୍ଥାନ କୌଣସି ଚୂଡ଼ାନ୍ତ ଲକ୍ଷ୍ୟ ନୁହେଁ, ବରଂ ଏହା ଏକ ପ୍ରମାଣ ଯେ ଆମେ ସଠିକ୍ ଦିଗରେ ଅଗ୍ରସର ହେଉଛୁ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ, ପର୍ଯ୍ୟଟନ କ୍ଷେତ୍ର ଭାରତର ଜୀବନ୍ତ ସଭ୍ୟତାକୁ ବିଶ୍ୱ ସହିତ ଯୋଡ଼ିବା ଏବଂ ସମସ୍ତ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି କରିବା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ଭାବରେ ଉଭା ହେଉଛି।

